ସକାଳ
THE SAKALA



# ରାଜପଥରେ ବେଆଇନ ପାର୍କିଂ; ବଢୁଛି ଦୁର୍ଘଟଣା

## ପୁଲିସ ଓ ପରିବହନ ବିଭାଗର କାର୍ଯ୍ୟାନୁଷ୍ଠାନ ଅଭାବ

ଆନନ୍ଦପୁର, ୨୮।୩ (ସମିସ):

୨୦ନଂ ଜାତୀୟ ରାଜପଥ କଡ଼ରେ ବଢୁଛି ବେଆଇନ ପାର୍କିଂ। ସେଥିପାଇଁ ଦିନକୁ ଦିନ ବଢୁଛି ଦୁର୍ଘଟଣା। ପରିବହନ ବିଭାଗର ନିଷ୍କ୍ରିୟତା ଯୋଗୁଁ ଗାଡ଼ି ଚାଳକଙ୍କ ମନମାନି ଚାଲିଥିବା ଦେଖିବାକୁ ମିଳୁଛି। ଯିଏ ଯେଉଁଠି ସୁବିଧା ପାଇଲେ ସେଠି ଗାଡ଼ି ଛିଡ଼ା କରିଦେଉଛନ୍ତି। ଫଳରେ ରାସ୍ତା ସଙ୍କୀର୍ଣ୍ଣ ହେଉଥିବା ସହ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ବିଶେଷକରି ରାତି ସମୟରେ ଏହା ଅଧିକ ଜନଜୀବନ ପାଇଁ ବିପଦ ସୃଷ୍ଟି କରୁଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ବେଆଇନ ପାର୍କିଂ ଯୋଗୁଁ ପ୍ରାୟତଃ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ଏବଂ ଅନେକ ସମୟରେ ଧନ ଓ ଜୀବନ ହାନି ମଧ ହେଉଛି। ତଥାପି ପରିବହନ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଅମାନିଆ ଚାଳକଙ୍କ ମନମାନି ବଢିଯାଇଛି। ପ୍ରଶ୍ନ ଉଠୁଛି, କେବେ ସଚେତନ ହେବ ବିଭାଗ? କ୍ୟାମେରା ଲଗାଇଲେ କି ଏହି ସମସ୍ୟାର ସମାଧାନ ହେବ? ନା କଠୋର ଜରିମାନା ଓ ନିୟମ ପାଳନ ଦ୍ୱାରା ମାତ୍ର ଏହାକୁ ନିୟନ୍ତ୍ରଣ କରାଯିବ? ତେବେ ସାରା ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନକୁ ଗୁରୁତ୍ୱ ଦେଇ ଜୋରଦାର ଗାଡ଼ି ମଟର ଚେକିଂ ଚାଲିବା ସହ ଜରିମାନା ଆଦାୟ ହେଉଛି। ପ୍ରତ୍ୟେକ ବିଭାଗକୁ ସଜାଗ ରହିବାକୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ କୁହାଯାଇଛି। ହେଲେ ଆନନ୍ଦପୁର ରେ ଏହାର ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଛି। ୨୦ନଂ ଜାତୀୟ ରାଜପଥ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡପଦନା ଛକରେ ବେଆଇନ ପାର୍କିଂ ସମସ୍ୟା ଦିନକୁ ଦିନ ଅଣାୟତ୍ତ ହେଉଥିବା ନେଇ ଅଭିଯୋଗ ହୋଇଛି। ଏଠାରେ ଚାରି ଚକିଆ ଗାଡ଼ି ବେଆଇନ ଭାବେ ରାସ୍ତାରେ ପାର୍କ କରୁଥିବାରୁ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ବେଆଇନ ପାର୍କିଂ ଯୋଗୁ ଏହି ପ୍ରଶସ୍ତ ସଡ଼କରେ ଯାତାୟତ କରିବା ସହଜ ହେଉନଥିବା ଅଭିଯୋଗ ହୋଇଛି। ପୁଲିସ ବିଭାଗ ପକ୍ଷରୁ ଏଭଳି ବେଆଇନ ପାର୍କ କରୁଥିବା ଗାଡ଼ି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଚାଳକଙ୍କ ମନମାନି ବଢ଼ି ଚାଲିଛି। ସ୍ଥାନୀୟ ଅଞ୍ଚଳରେ ଆଦର୍ଶ ବିଦ୍ୟାଳୟ ସହ ଅନ୍ୟ ବିଦ୍ୟାଳୟକୁ ଯତାୟାତ ପାଇଁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଅସୁରକ୍ଷିତ ମଣୁଛନ୍ତି। ହେଲେ ରାସ୍ତାପାର୍ଶ୍ୱରେ ଗାଡ଼ିଚାଳକ ମନଇଚ୍ଛା ଗାଡ଼ି ଛିଡ଼ା କରି ବ୍ୟକ୍ତିଗତ କାମରେ ପଳାଉଥିବାରୁ ଜନସାଧାରଣ ଯାତାୟାତରେ ସମସ୍ୟାସୃଷ୍ଟି ହେଉଛି ଏଣୁ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



# ହନୁମାନ ମନ୍ଦିରରେ ରାମନବମୀ



ତୁରୁମୁଙ୍ଗା, ୨୮।୩(ସମିସ): ପାଟଣା ବ୍ଲକ ତୁମୁରିଗୋଡା ବୈତରଣୀ ନଦୀ କୂଳରେ ଥିବା ହନୁମାନ ମନ୍ଦିରରେ ଶୁକ୍ରବାର ରାମନବମୀ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପୂଜକ ସଞ୍ଜୟ ପାଢୀଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା କାରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ମନ୍ଦିର କମିଟି ପକ୍ଷରୁ ସତ୍ୟଜିତ ଦାସ, ପ୍ରମୋଦ ସାହୁ, ନିମାଇଁ ମହାରଣା ଟୁଲୁ ସାହୁ ଟଙ୍କଧର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ମହାଦେଇଯୋଡ଼ା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



କେନ୍ଦୁଝର,୨୮।୩(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ୨୬ରୁ ୨୭ ପର୍ଯ୍ୟନ୍ତ ଦୁଇଦିନ ଧରି ପ୍ରଧାନ ଗୁରୁଜୀ ଧନେଶ୍ୱର ଦେହୁରୀଙ୍କ ତତ୍ତ୍ୱାବଧାନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାଦେଇଯୋଡା ସରପଞ୍ଚଙ୍କୁ ରମେଶ ମୁଣ୍ଡା, ମୁଖ୍ୟବକ୍ତା ହୋମିଓପାଥି ମେଡିକାଲର କମ୍ପାଉଣ୍ଡର କ୍ରିଷ୍ଣା କୁମାର ବାରିକ୍, ସମ୍ମାନିତ ଅତିଥି ପରିଚାଳନା ସଭାପତି ଭାବେ ରଞ୍ଜନ ସାହୁ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶ୍ରୀ ଦେହୁରୀ ବିଦ୍ୟାଳୟର ବିବରଣୀ ପାଠ କରିବା ସହ ବିଦ୍ୟାଳୟର କାର୍ଯ୍ୟ ତଥା ଉନ୍ନତି ଓ ପିଲାମାନଙ୍କ ଭବିଷ୍ୟତ କିପରି ଉଜ୍ଜ୍ୱଳମୟ ହେବ ଦିଗ୍‌ଦର୍ଶନ ଦେଇଥିଲେ। ଆଚାର୍ଯ୍ୟ ପୁଷ୍ପଲତା ମାଝୀ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିଶୁ ଭାଇ ଭଉଣୀ ମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁସଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ।

# ମହୋତ୍ସବ ମଞ୍ଚରେ ପଲ୍ଲୀନୃତ୍ୟ



ଆନନ୍ଦପୁର, ୨୮।୩ (ସମିସ): ଏକାମ୍ର ସାହିତ୍ୟ ପ୍ରକାଶନୀ ସାଂସ୍କୃତିକ ପରିଷଦ ତରଫରୁ ଦ୍ୱିତୀୟ ସନ୍ଧ୍ୟାରେ ବୀଣାପାଣି କଳାନିକେତନ, ଶାଳପଡା ନୃତ୍ୟାନୁଷ୍ଠାନ ତରଫରୁ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଥମେ ଲିଙ୍ଗରାଜଙ୍କ ଉପରେ ଆଧାରିତ ନୃତ୍ୟାଭିନୟ ପରେ ପରେ "ମନ ଲୋଭା ଏ ମାଟିର କଥା' ଉପରେ ପଲ୍ଲୀନୃତ୍ୟ ପରିବେଷିତ ହୋଇଛି। ମୋନିକା ଦାଶ, ସାଇସ୍ମୃତି ସାହୁ, ଦୁର୍ଗରାଣୀ ଖୁଣ୍ଟିଆ, ସାୟନି ନାୟକ, ପରିଣତି ଚକ୍ର, କ୍ରିଷ୍ଣା ପ୍ରିୟଦର୍ଶନୀ, ସାଇସମ୍ପର୍ଣ୍ଣା ଚକ୍ର, ପ୍ରିୟଙ୍କା ସ୍ୱାଇଁ, ସ୍ମିତା ନାୟକ, ଅରୋସ୍ମିତ ତ୍ରିପାଠୀ, ବିନୋଦ ଓଝା ନୃତ୍ୟ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ସାଂସ୍କୃତିକ ଆବାହକ ବାସୁଦେବ ନାଥ। ଶେଷରେ ସାଂସ୍କୃତିକ ପରିଷଦର ସମ୍ପାଦକ ସନତ ମିଶ୍ର, ବିଶ୍ୱହିନ୍ଦୁ ପରିଷଦର ଅଧକ୍ଷ ପ୍ରବୀଣ ଭାଇ ତୋଗାଡ଼ିଆ, ବଦ୍ରୀନାଥ ପଟ୍ଟନାୟକ, ବିଜେପି ନେତା ସୁରତ ବିଶ୍ୱାଳ ନୃତ୍ୟ ଗୁରୁ ନୃତ୍ୟଶିଳ୍ପୀଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମଙ୍ଗଳପୁରରେ ଅଷ୍ଟପ୍ରହର ନାମଯଜ୍ଞ

ଆନନ୍ଦପୁର, ୨୮।୩(ସମିସ): ଘଷିପୁରା ବ୍ଲକ ଦରଡିପାଳ ପଞ୍ଚାୟତ ମଙ୍ଗଳପୁର ଗାଁରେ ଅଷ୍ଟପ୍ରହର ନାମଯଜ୍ଞ ଓ ଗୌରଭକ୍ତ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ କଳସ ଅଣାଯାଇ ଘଟ ସ୍ଥାପନ ପରେ ଅଧିବାସ ଆରମ୍ଭ ହୋଇଥିଲା।



ଏଥିରେ ଆଖପାଖ ଗାଁର ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପରଦିନ ନଗର ଭ୍ରମଣ ପରେ ମଣ୍ଡପରେ ଦଧିହାଣ୍ଡି ଭଙ୍ଗାଯିବା ପରେ ଗୌରଭକ୍ତ ସମ୍ମିଳନୀ ହୋଇଥିଲା। ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଗ୍ରାମବାସୀ ଓ ଗାଁର ଯୁବ ଗୋଷ୍ଠୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ନିଲାମ ବାଲିଘାଟ ବନ୍ଦହେଲା କାହିଁକି?





ଆନନ୍ଦପୁର, ୨୮।୩ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତରେ ଥିବା ବୈତରଣୀ ନଦୀର ତମ୍ପୋ ବାଲି ଘାଟ ଏବେ ବନ୍ଦ। ରାତିଅଧିଆ ଖଣି ବିଭାଗର ଅଚାନକ ଚଢ଼ଉ ପରେ ତିନି ଦିନ ଧରି ବାଲି ଘାଟ ଠପ୍ ପଡ଼ିଛି। ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଠୁଛି, ଯଦି ବାଲି ଘାଟ ନିୟମିତ ଭାବେ ନିଲାମ ହୋଇଥିଲା, ତେବେ ହଠାତ୍ କାହିଁକି ଚଢ଼ଉ ହେଲା ? କିଏ ସେ ପ୍ରଭାବଶାଳୀ ବ୍ୟକ୍ତି? କାହା ଇସାରାରେ ହେଉଛି କୋଟି କୋଟି ଟଙ୍କାର ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ? ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସରକାରୀ ଜମିରୁ ମାଟି ଖୋଳି ବାଲି ଘାଟକୁ ରାସ୍ତା ତିଆରି କରାଯାଇଥିଲା। ଏହି ବିଷୟରେ ଘଷିପୁରା ତହସିଲ କର୍ତ୍ତୃପକ୍ଷ କ'ଣ ଅବଗତ ନାହାନ୍ତି , ଯଦି ଯଦି ଅଛନ୍ତି ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ? ଏହାସହିତ ନିୟମ ଉଲଂଘନ କରି ବାଲି ଉତ୍ତୋଳନ ହେଉଥିବା ମଧ ଅଭିଯୋଗ ଆସୁଛି। ତେବେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ୱଷ୍ଟ ସୂଚନା ମିଳିନାହିଁ। କିନ୍ତୁ ଚଢ଼ଉ ପରେ ଘାଟ ବନ୍ଦ ହେବାରୁ ସନ୍ଦେହ ଆହୁରି ବଢ଼ିଛି। ସରକାରଙ୍କ ନିୟମ ଅନୁଯାୟୀ ଯଦି ନିଲାମ ପ୍ରକ୍ରିୟା ସଠିକ୍ ଥିଲା, ତେବେ କାହିଁକି ଖଣି ବିଭାଗ ପକ୍ଷରୁ ଚଢ଼ାଉ ହେଲା? ଯଦି ଅନିୟମିତତା ଥିଲା, ତେବେ ଏତେ ଦିନ ଧରି କାହିଁକି ଚାଲିଥିଲା ବାଲି ଉତ୍ତୋଳନ ? ଏହି ଘଟଣା ସଂପର୍କରେ ଜିଲ୍ଲା ଖଣି ବିଭାଗ ର ଅଧିକାରୀ ତାରିଣୀ ସିଂଙ୍କୁ ଫୋନ୍ ରେ ଯୋଗା ଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନଥିଲେ।

# ଗଛ ପଡ଼ି କାର୍ ଚେପା



ତୁରୁମୁଙ୍ଗା, ୨୮।୩(ସମିସ): ପାଟଣା ବ୍ଲକ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ପବନର ବେଗ ଜୋର ଯୋଗୁଁ ଗୁଲୁଦିପଶି ଗ୍ରାମର କ୍ଷେତ୍ରବାସୀ ବାରିକଙ୍କ ଘର ବାହାରେ ଥିବା ଏକ କୁଳି ଗଛ ତାଙ୍କ ୱାଗନର କାର ଉପରେ ଖସି ପଡ଼ିଥିଲା। ଫଳରେ କାରଟି ଭାଙ୍ଗି ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରେ ପାଟଣା ଅଗ୍ନିଶମବାହିନୀ ପହଞ୍ଚି ଗଛକାଟି ସଫା କରିଥିଲେ। କାଳବୈଶାଖୀ ଯୋଗୁଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛଗୁଡିକ ଭାଙ୍ଗି ପଡ଼ିଛି। ଶୁକ୍ରବାର ରାତିଠାରୁ ଶନିବାର ସକାଳ ପର୍ଯ୍ୟନ୍ତ ପାଟଣା ଓ ତୁରୁମୁଙ୍ଗା ଅଞ୍ଚଳରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# କୋଦଗାଡ଼ିଆରେ ରାମନବମୀ ଆଖଡ଼ା

ଚମ୍ପୁଆ, ୨୮।୩(ସମିସ): କୋଦଗାଡିଆ ଗ୍ରାମରେ ତୃତୀୟତମ ରାମନବମୀ ଆଖଡା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କୋଡାଗାଡିଆ ମହାବୀର ଆଖଡା ଗୋଷ୍ଠୀ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ଏବଂ ଭକ୍ତମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ମୁଖ୍ୟ ଆକର୍ଷଣ ଥିଲେ ଝାଡ଼ଖଣ୍ଡର ବୈରଭ ଆଖଡା ଗ୍ରୁପ୍। ପାରମ୍ପରିକ ସମର କଳା, ଶୃଙ୍ଖଳିତ ଗଠନ ଏବଂ ଉତ୍ସାହୀ ସାଂସ୍କୃତିକ କାର୍ଯ୍ୟ ପ୍ରଦର୍ଶନ କରିଥିଲେ। ସେମାନଙ୍କ ପ୍ରଦର୍ଶନ ଦର୍ଶକଙ୍କଠାରୁ ବିପୁଳ ପ୍ରଶଂସା ପାଇଥିଲା। ଆଖଡା ଶୋଭାଯାତ୍ରା କୋଦଗାଡିଆ ବସ୍‌ଷ୍ଟାଣ୍ଡରୁ ଆରମ୍ଭ ହୋଇ ହନୁମାନ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲା। ଭକ୍ତି ସଙ୍ଗୀତ, ଢୋଲ ଏବଂ "ଜୟ ଶ୍ରୀ ରାମ' ଧ୍ୱନି ସହିତ ପରିସରକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା। ସ୍ଥାନୀୟ ପ୍ରଶାସନ ଏବଂ ପୁଲିସ ଉପଯୁକ୍ତ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ସୁନିଶ୍ଚିତ କରିଥିଲା। ଏହି ଉତ୍ସବ ଅଞ୍ଚଳର ଏକତା, ସଂସ୍କୃତି ଏବଂ ଧାର୍ମିକ ଭକ୍ତିକୁ ଉଜ୍ଜ୍ୱଳ କରିଥିଲା।



# ଲକ୍ଷ୍ମୀପଶି ଜଙ୍ଗଲରୁ ମୃତ ଝିଙ୍କ ଉଦ୍ଧାର

ତୁରୁମୁଙ୍ଗା, ୨୮।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ତିଣ୍ଡା ବିଟ୍ ଲକ୍ଷ୍ମୀପଶି ସଂରକ୍ଷିତ ଜଙ୍ଗଲରେ ଶନିବାର ସକାଳୁ ବନ ବିଭାଗ ପକ୍ଷରୁ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ସୁଜାତା ସାହୁ ସ୍କ୍ୱାଡ ଶିରୋପାଣୀ ମହାନ୍ତ ପଦଭ୍ରମଣ କରୁଥିବା ସମୟରେ ଗୋଟିଏ ମୃତ ଝିଙ୍କ ଠାବ କରିଥିଲେ। ପରେ



ଉଦ୍ଧାର କରି ଉକ୍ତ ମୃତଦେହକୁ ଖିରେଇଟାଙ୍ଗିରୀ ବନ କାର୍ଯ୍ୟାଳୟକୁ ନେଇ ସେଠାରେ ପଶୁ ଚିକିତ୍ସକ ଅର୍ପିତ ଅମିତାଂଶୁ ବିଶ୍ୱାଳଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇ ବନ ବିଭାଗ ନିୟମାନୁସାରେ ମୃତଦେହକୁ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି। ମୃତ ଝିଙ୍କର ବୟସ ୩ରୁ ୪ ବର୍ଷ ହୋଇଥିବା ଅନୁମାନ କାରାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

# ଚେମଣାରେ ରାମ ନବମୀ ଉତ୍ସବ



ତୁରୁମୁଙ୍ଗା, ୨୮।୩(ସମିସ): ପାଟଣା ବ୍ଲକ ଚେମଣା ଗ୍ରାମରେ ଶ୍ରୀରାମନବମୀ ପୂଜା କମିଟି ପକ୍ଷରୁ ଭକ୍ତିଭାବପୂର୍ଣ୍ଣ ପରିବେଶରେ ଶୁକ୍ରବାର ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ପୁଷ୍କରିଣୀରୁ ଭବ୍ୟ କଳସ ଯାତ୍ରା କରାଯାଇ ଘଟ ସ୍ଥାପନା କରାଯାଇଥିଲା। ପୂଜକ ମହେଶ ଚାଟାର୍ଜୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ନେତ୍ରାନନ୍ଦ ମହାନ୍ତ ସଂକଳ୍ପରେ ବସିଥିଲେ। ପ୍ରଭୁ ଶ୍ରୀରାମ, ମା' ସୀତା ଓ ଭଗବାନ ଲକ୍ଷ୍ମଣଙ୍କ ମୃଣ୍ମୟୀ ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କରାଯାଇ ହୋମ ଯଜ୍ଞ, ରାମଚରିତମାନସ ପାଠ, ନାମ ସଂକୀର୍ତ୍ତନ ସହ ରାମ ଶୀଳା ପାଣିରେ ଭାସୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହାକୁ ନେଇ ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମର ପ୍ରତିମା ମହାନ୍ତ, ଉର୍ମିଳା ମହାନ୍ତ, ଭାନୁମତୀ ମହାନ୍ତ, ପ୍ରିୟଦର୍ଶିନୀ ମହାନ୍ତ, ଆରତୀ ମହାନ୍ତ, ଫୁଲମଣୀ ମହାନ୍ତ, ବନିତା ମହାନ୍ତ, ଗୁଣମଣି ମହାନ୍ତ, ପ୍ରମିଳା ମହାନ୍ତ ଓ ଉର୍ମିଳା ତ୍ରିପାଠୀ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିବା ବେଳେ ଦେବଗଡ଼ର ପାଲା ଗାୟିକା ଲକ୍ଷ୍ମୀପ୍ରିୟା ଆଧା ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ପାଲା ପରିବେଶଣ କରାଯାଉଛି।

# ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲରେ ମାତୃକାଙ୍କ କ୍ରୀଡ଼ା ପ୍ରତିଯୋଗିତା

ହାଟଡ଼ିହୀ,୨୮।୩(ସମିସ):

ହାଟଡିହୀ ବ୍ଲକ୍ ଅନ୍ତର୍ଗତ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମାଆଙ୍କୁ ନେଇ କିଛି କୌତୁହଳ ପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ନାୟକ ଏବଂ ଉପାଧକ୍ଷ ଗୋଲକ ବିହାରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସଭାପତି ଉଦୟନାଥ କର ଯୋଗ ଦେଇଥିଲେ। ମାଆମାନଙ୍କ ମଧ୍ୟରେ ଶିକ୍ଷା ସମ୍ବନ୍ଧୀୟ ସଚେତନତା, ଶିଶୁମାନଙ୍କ ପ୍ରତି ଯତ୍ନବାନ୍ ଓ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର



ପହି, ଦେବେନ୍ଦ୍ରନାଥ ପାଢୀ, ଦୟାନିଧି ଚିନରା, ହିମାଂଶୁ ରଞ୍ଜନ ବାରିକ୍, ସୁଦିପ୍ତ ଦାଶ, ପ୍ରଶାନ୍ତ କୁମାର ଦାଶ, ବ୍ରହ୍ମାନନ୍ଦ ମଲ୍ଲିକ, ସଂଗ୍ରାମ କେଶରୀ ପଟ୍ଟନାୟକ, ଚନ୍ଦ୍ରଶେଖର ବାରିକ୍ ଏବଂ ଶିକ୍ଷୟିତ୍ରୀ ତନୁଶ୍ରୀ ତନୟା ପହି, ଶୁଭଶ୍ରୀ ପଣ୍ଡା, ଉର୍ମୀ ମହାନ୍ତି, ବିଷ୍ଣୁପ୍ରିୟା ଦାଶ, ଭାଗ୍ୟଶ୍ରୀ ସାହୁ, ପ୍ରୀତିନନ୍ଦା ମଲ୍ଲିକ, ଚିନ୍ମୟୀ ସାହୁ, ଏସ୍. ବି. ସାଇମଗ୍ନା, ସସ୍ମିତା କର, ସାଇକ୍ରିଷ୍ଣା ଜେନା, ମୋନାଲିସା ବାରିକ, ବିଶ୍ୱବନ୍ଦିତା ଜେନା ଏବଂ ସହକର୍ମୀ ମଞ୍ଜୁଲତା ଖୁଣ୍ଟିଆ, ମନୋରମା ସେଠୀ ଓ ଉର୍ମିଳା ସେଠୀ ସହଯୋଗ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ପିଲାମାନଙ୍କର ମାଆମାନଙ୍କ ମଧ୍ୟରେ ଗୁପ୍ତଧନ ଅନୁସନ୍ଧାନ, ଝୋଟିଚିତା, ରିଙ୍ଗ୍ ମଧ୍ୟକୁ ବଲ୍ ଫିଙ୍ଗା ପ୍ରତିଯୋଗିତା, ଭାଗ୍ୟର ଖେଳ (ଚୁଡି ଓ କପ୍) ଏବଂ ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ପ୍ରକାରର କ୍ରୀଡା ପ୍ରତିଯୋଗିତା କରାଇ ପିଲାମାନଙ୍କ ହୃଦୟରେ କୌତୁହଳ ଜାତ କରାଯାଇଥିଲା। କ୍ରୀଡା ପରିଚାଳନରେ ଦକ୍ଷ ତଥା ଅଭିଜ୍ଞ ଶିକ୍ଷକ ଓ ଶିକ୍ଷୟିତ୍ରୀ ତନୁଶ୍ରୀ ତନୟା ପହି, ଶୁଭଶ୍ରୀ ପଣ୍ଡା, ବିଜୟ କୁମାର ପହି, ସୁଦିପ୍ତ ଦାଶ, ହିମାଂଶୁ ରଞ୍ଜନ ବାରିକ୍ ଏବଂ ଅନ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। ଏହି ପ୍ରତିଯୋଗୀତା ଗୁଡିକରେ ୫୦ରୁ ଉର୍ଦ୍ଧ୍ୱ ମାଆମାନେ ଅଂଶଗ୍ରହଣ କରିଥିଲା ବେଳେ ଗୁପ୍ତଧନ ଅନୁସନ୍ଧାନ ପ୍ରତିଯୋଗିତାର ୧ମ ବିଷ୍ଣୁପ୍ରିୟା ଦାସ, ୨ୟ ସସ୍ମିତା ସୁଆର, ୩ୟ ସ୍ଥାନରେ ଜ୍ୟୋସ୍ନାରାଣୀ ଷଣ୍ଢ, ଝୋଟିଚିତା ପ୍ରତିଯୋଗିତାର ୧ମ ପ୍ରିୟଙ୍କା ରାଉତ, ୨ୟ ପ୍ରିୟଙ୍କା ପ୍ରିୟଦର୍ଶନୀ ଜେନା, ୩ୟ ପ୍ରେମଲତା ସାହୁ, ବିଷ୍ଣୁପ୍ରିୟା ଦାଶ, ରିଙ୍ଗ୍ ମଧ୍ୟକୁ ବଲ୍ ଫିଙ୍ଗା ପ୍ରତିଯୋଗିତାର ୧ମ ଦିପ୍ତିମୟୀ ସେଠୀ, ୨ୟ ସୃଷ୍ଟିସୁଧା ନାୟକ, ୩ୟ ସସ୍ମିତା ଭୋଳ, ଭାଗ୍ୟର ଖେଳ (ଚୁଡି ଓ କପ୍) ପ୍ରତିଯୋଗିତାର ୧ମ ନିରୂପମା ଦାସ, ୨ୟ କ୍ରିଷ୍ଣା ମହାରଣା, ୩ୟ ସୃଷ୍ଟିସୁଧା ନାୟକ, ମ୍ୟୁଜିକ୍ ଚେୟାରରେ ୧ମ ସସ୍ମିତା ଭୋଳ, ୨ୟ ବିଷ୍ଣୁପ୍ରିୟା ଦାସ ଏବଂ ତୃତୀୟ ସ୍ଥାନରେ ସସ୍ମିତା ସୁଆର ପୁରସ୍କୃତ ହୋଇଥିଲେ।

# ମରେଇଗାଁରେ କଂଗ୍ରେସର ଜନଅଧିକାର ସମାବେଶ

## ରାଜ୍ୟପାଳଙ୍କୁ ସ୍ମାରକପତ୍ର

ହାଟଡ଼ିହୀ,୨୮।୩(ସମିସ): ହାଟଡ଼ିହୀ ବ୍ଲକ୍ ମରେଇଗାଁସ୍ଥିତ ରଜ ପଡ଼ିଆଠାରେ ପୂର୍ବାହ୍ନ ୧୧ଟା ସମୟରେ କଂଗ୍ରେସ ପକ୍ଷରୁ ଏକ ବିରାଟ ଜନଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଯୋଗ ଦେଇଥିଲେ। ଏଥିସହ ପୂର୍ବତନ ସାଂସଦ ଯୋଶବନ୍ତ ସିଂ ଲାଗୁରୀ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଛାତ୍ର କଂଗ୍ରେସ ସଭାପତି ସୁନେଶ ଧୀର, ପୂର୍ବତନ ଛାତ୍ର ସଭାପତି ୟାଶିର ନୱାଜ, ଏଆଇସିସି ସଦସ୍ୟ ମାନସ ଚୌଧୁରୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ଆନନ୍ଦପୁର ମ୍ୟୁନିସପାଲଟି କଂଗ୍ରେସ ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆ, ବ୍ଲକ କଂଗ୍ରେସ୍ ସଭାପତି ରମେଶ ବାରିକ ଓ ସନ୍ତୋଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକସ୍ଥିତ ୩୪ନଂ ଜୋନର ଯୁବନେତା ବିକାଶ ବଳଙ୍କ ନେତୃତ୍ୱରେ ସୋସୋ ଅଞ୍ଚଳରୁ ଦେଢ଼ ଶହରୁ ଉର୍ଦ୍ଧ୍ୱ ବାଇକ୍ ବାହାରି ଏକ ବିରାଟ ଶୋଭାଯାତ୍ରା କରି ମରେଇଗାଁସ୍ଥିତ କାର୍ଯ୍ୟକ୍ରମଠାରେ ପହଞ୍ଚିଥିଲେ। ସେହିପରି ୩୭ନଂ ଜୋନ୍ ଶାଳଣିଆଁ ଅଞ୍ଚଳରୁ ଅକ୍ଷୟ ରାଉଳଙ୍କ ନେତୃତ୍ୱରେ ଏକ ଶହରୁ ଉର୍ଦ୍ଧ୍ୱ ବାଇକରେ କର୍ମୀମାନେ ବିରାଟ ଶୋଭାଯାତ୍ରା କରି ସମାବେଶଠାରେ ପହଞ୍ଚିଥିଲେ। ଦଳୀୟ ନେତା ଓ କର୍ମୀ ଚାଷୀଙ୍କ ଧାନ ବିକ୍ରି କରିବାଠୁଁ ନେଇ ବ୍ୟବସାୟୀ, ଖାଉଟି, ଶ୍ରମିକ, ପେଟ୍ରୋଲ ଡ଼ିଜେଲ ବୃଦ୍ଧି, ବିଭିନ୍ନ ଦ୍ରବ୍ୟର ଅହେତୁକ ଦରଦାମ୍ ବୃଦ୍ଧି ଆଦି ବିଭିନ୍ନ ଅଭିଯୋଗ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନନ୍ଦିପଦା ଥାନାରେ ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ ପଣ୍ଡା, ହାଟଡ଼ିହୀ ତହସିଲଦାର ମନୋଜ କେରକେଟ୍ଟା, ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ଉପସ୍ଥିତିରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସନ୍ତା ଦିନରେ ଉଲ୍ଲେଖିତ ଅଭିଯୋଗର ସମାଧାନ ନହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବା ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ନେତାଙ୍କ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।



ଓକିଲ ସଂଘ ନିର୍ବାଚନ

# ଜ୍ୟୋତିପ୍ରକାଶ ସଭାପତି, ବିପ୍ଳବ ସମ୍ପାଦକ

**ବାରିପଦା, ୨୮ ।୩(ସମିସ)**

ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ନିର୍ବାଚନରେ ଚଳିତ ଥର ପ୍ରଥମଥର ଭାବେ ସଭାପତି ଭାବେ ଜ୍ୟୋତିପ୍ରକାଶ ରଥ ବିଜୟୀ ହୋଇଥିବାବେଳେ ସମ୍ପାଦକ ଭାବେ ପୁନର୍ବାର ବିପ୍ଳବ ବାରିକ ବିଜୟୀ ହୋଇଛନ୍ତି। ଚଳିତ ଥର ନିର୍ବାଚନରେ ୨୩ ଜଣ ପ୍ରାର୍ଥୀ ରହିଥିଲେ। ତେବେ ଉପସଭାପତି, କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ କମିଟି ସଦସ୍ୟ (ମହିଳା) ୫ଟି ପଦ ପାଇଁ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେମାନଙ୍କ ବିଜୟ ଘୋଷଣା ଔପଚାରିତା ରହିଥିଲା। ଉପରୋକ୍ତ ୭ ପଦବୀକୁ ଛାଡି ବାକି ପଦବୀ ପାଇଁ ଶନିବାର ନିର୍ବାଚନ ହୋଇଥିଲା। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତିଙ୍କ କହିବାନୁସାରେ ଜିଲ୍ଲା ଓକିଲ ସଂଘର ୬୯୬ ଜଣ ବୈଧ ଭୋଟରଙ୍କ ପାଇଁ ପୂର୍ବାହ୍ନ ସାଢେ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା ପରେ ଅପରାହ୍ନ ୪ଟାରୁ ଭୋଟ ଗଣନା ଆରମ୍ଭ ହୋଇ ଫଳାଫଳ ପ୍ରକାଶ ପାଇଥିଲା। ସଭାପତି ଭାବେ ଜ୍ୟୋତିପ୍ରକାଶ ରଥ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସଭାପତି ପ୍ରବୀର କୁମାର ବସାଙ୍କୁ ୯୨ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଜ୍ଞାନରଞ୍ଜନ ଜେନାଙ୍କୁ ରେକର୍ଡ ସଂଖ୍ୟକ ୧୭୮ ଖଣ୍ଡ ଭୋଟରେ ପରାସ୍ତ କରି ୭ମ ଥର ପାଇଁ କ୍ରମାଗତ ଭାବେ ବିପ୍ଳବ ବାରିକ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ (କଲ୍ୟାଣ) ପାଇଁ ସ୍ୱରୂପ ମିଶ୍ର ରେକର୍ଡ ଦଶମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ (ପ୍ରଶାସନ) ଭାବେ ପଙ୍କଜ କୁମାର ମହାକୁଡ, ଯୁଗ୍ମସମ୍ପାଦକ (ପାଠାଗାର) ଭାବେ କୃଷ୍ଣଚନ୍ଦ୍ର ମହାନ୍ତି ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ କମିଟି (ଅଣସଂରକ୍ଷିତ) ୩ଟି ପଦ ପାଇଁ ଗିରିଶ୍ଚନ୍ଦ୍ର ମହାପାତ୍ର, ଦେବରାଜ ମିଶ୍ର ଓ ଗୌତମ ଶଙ୍କର ରାୟ ବିଜୟୀ ହୋଇଛନ୍ତି। ଅପରପକ୍ଷରେ ଉପସଭାପତି ପାଇଁ ସତ୍ୟବ୍ରତ ଦାସ, କୋଷାଧ୍ୟକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ଓ କାର୍ଯ୍ୟକାରୀ କମିଟି ମହିଳା ପାଇଁ ସଂରକ୍ଷିତ ୫ଟି ପଦ ପାଇଁ ମଧୁସ୍ମିତା ସେଠୀ, ସ୍ୱପ୍ନା ମହାନ୍ତି, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ୫ଜଣ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ସମାପନ ପାଇଁ ନିର୍ବାଚନ ଅଧିକାରୀ ତାଙ୍କର ସହଯୋଗୀ ଓ ସମସ୍ତ ଆଇନଜୀବୀ, ଜିଲ୍ଲା ପ୍ରଶାସନ ଓ ପୁଲିସକୁ ସଂଘ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି।





## ନବମ ଥର ସଭାପତି ହେଲେ ଅକ୍ଷୟ, ମନୋଜ ସମ୍ପାଦକ



**ରାଇରଙ୍ଗପୁର:** ରାଇରଙ୍ଗପୁର ଓକିଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସହସମ୍ପାଦକ ପଦ ବ୍ୟତୀତ ଅନ୍ୟାନ୍ୟ ସବୁପଦରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ସହସମ୍ପାଦକ ପଦରେ ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ପ୍ରଦୀପ ମଣ୍ଡଳ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଅକ୍ଷୟ ମହାନ୍ତି ତାଙ୍କର ୨ଜଣ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ସଭାପତି ଭାବେ ନିର୍ବାଚନରେ ବିଜୟ ହୋଇଛନ୍ତି। ସେ ତାଙ୍କ ସଭାପତି ପଦ ବଜାଇ ରଖି ନବମ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ହରେକୃଷ୍ଣ ମହାକୁଡ଼, ସମ୍ପାଦକ ଭାବେ ମନୋଜ କୁମାର ଦାସ ବିଜୟୀ ହୋଇଛନ୍ତି। ସେହିପରି ଯୁଗ୍ମସମ୍ପାଦକ ଭାବେ ସୁଶାନ୍ତ କୁମାର ମହାନ୍ତ, ଯୁଗ୍ମ ସମ୍ପାଦକ(ପାଠାଗାର) ଭାବେ ଗୌରୀଶଙ୍କର ଦତ୍ତ, କୋଷାଧ୍ୟକ୍ଷ ଭାବେ ଶିଶୁପଦ ମହାନ୍ତ ନିର୍ବାଚିତ ହୋଇଛନ୍ତି। ଶନିବାର ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହୋଇଥିବା ଥିବା ବେଳେ ୪ଟାରୁ ଗଣତି ଆରମ୍ଭ ହୋଇଥିଲା। ନିର୍ବାଚନରେ ବିଜୟୀ ହୋଇଥିବା କର୍ମକର୍ତ୍ତାଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

## ରବିନାରାୟଣ ମହାପାତ୍ର ସଭାପତି



**ବେତନଟୀ:** ବେତନଟୀ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କେବଳ ସଭାପତି, ଉପସଭାପତି, କୋଷାଧ୍ୟକ୍ଷ ଭଳି ତିନୋଟି ପଦବୀ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଭାପତି ରୂପେ ରବି ନାରାୟଣ ମହାପାତ୍ର, ଉପସଭାପତି ମନୋଜ ଦଲେଇ ଓ କୋଷାଧ୍ୟକ୍ଷ ଭାବେ ଲମ୍ବୋଦର ନାୟକ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ରଣଜିତ ଗନ୍ତାୟତ ଘୋଷଣା କରିଛନ୍ତି। ଏତଦବ୍ୟତୀତ ସମ୍ପାଦକ ରୂପେ ପ୍ରବୀର କୁମାର ବାରିକ, ଯୁଗ୍ମସମ୍ପାଦକ ସଂହିତା ଦାସ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଧିରଜ କୁମାର ଖଣ୍ଡେଲୱାଲ, ଛତିଶ ଚନ୍ଦ୍ରସାହୁ, ସଞ୍ଜୟ କୁମାର ପାତ୍ର, ସସ୍ମିତା ରାଉତ ଓ ସତ୍ୟକାମ ପଣ୍ଡା ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

## ଲମ୍ବୋଦର ସଭାପତି, ବସନ୍ତ ସମ୍ପାଦକ




**ଉଦଳା:** ରାଜ୍ୟ ଆଇନଜୀବୀ ପରିଷଦର ବିଜ୍ଞପ୍ତି ଅନୁଯାୟୀ ସାରା ରାଜ୍ୟରେ ଗୋଟିଏ ଦିନରେ ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଥିବାବେଳେ ଚଳିତ ବର୍ଷ ନିର୍ବାଚନରେ ଉଦଳା ଓକିଲ ସଂଘର ବିଭିନ୍ନ ପଦ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ନହୋଇ ସମସ୍ତ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଅରୁଣ କୁମାର ବାରିକ ପ୍ରକାଶ କରିଛନ୍ତି। ସଭାପତି ଭାବେ ଲମ୍ବୋଦର ବେହେରା, ଉପସଭାପତି ମନୋଜ ଦାସ, ସମ୍ପାଦକ ବସନ୍ତ ପରିଡ଼ା, ସହସମ୍ପାଦକ ରବୀନ୍ଦ୍ର ଜେନା, କୋଷାଧ୍ୟକ୍ଷ ଭାବେ ପ୍ରତିମା ସାହୁ ନିର୍ବାଚିତ ହୋଇଛନ୍ତି। ଏତତବ୍ୟତୀତ ଦିଲ୍ଲୀପ ପରିଡ଼ା, ରବୀନ୍ଦ୍ର ସାହୁ, ଦିଲ୍ଲୀପ ବସ୍କେ, ପ୍ରଜ୍ଞା ପରମିତା ପୁଥାଳ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

## କରଞ୍ଜିଆ ଓକିଲ ସଂଘ



**କରଞ୍ଜିଆ:** କରଞ୍ଜିଆ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତି ଭାବେ ବିଶ୍ୱଜିତ ଚୌଧୁରୀ ୭୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମଦନ ମହାନ୍ତ (୪୮) ଖଣ୍ଡ ଭୋଟ ପାଇ ଦ୍ୱିତୀୟ ଓ ସଞ୍ଜୟ ସାହୁ ୧୨ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ଉପସଭାପତି ଭାବେ ରେଣୁବାଳା ବାରିକ (୪୧) ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦୀନକୃଷ୍ଣ ନାଏକ(୪୦)ଙ୍କୁ ପରାସ୍ତ କରିଥିବାବେଳେ ସଧାରଣ ସମ୍ପାଦକ ଭାବେ ସରୋଜ ରାଉଳ (୭୧) ନିକଟତମ ପ୍ରତିନିଧି ଦିବ୍ୟପ୍ରସାଦ ସାହୁ (୪୮)ଙ୍କୁ ଖଣ୍ଡ ପରାସ୍ତ କରିଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଏମ୍‌ଡି ମହମ୍ମଦ ଫିରୋଜ ୧୦୨ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଧାଂଶୁ ପାତ୍ର ୨୮ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେଂ ସପନ କୁମାର ଶତପଥୀ (୭୩) ଖଣ୍ଡ ଭୋଟ ପାଇ ବିଜୟୀ ହେଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱଜିତ ସାହୁ (୫୬) ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ପାଇଁ ଜିତେନ୍ଦ୍ର ବାରିକ, ତ୍ରିଶୂଳ ମହାନ୍ତ, ଅଶୋକ ସାହୁ, ପିପୁନ୍ ସାହୁ ବିଜୟ ହୋଇଥିବାବେଳେ ମହିଳା ସଦସ୍ୟା ଭାବେ ସୁବର୍ଣ୍ଣ ଧୁଙ୍ଗିଆ ଓ ଝରଣା ପୃଷ୍ଟି ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ କୁମାର ଦେବାଶିଷ ବେହେରା ସୁଚନା ପ୍ରଦାନ କରିଛନ୍ତି।

## ଚୈତ୍ର ନବରାତ୍ର ଦଶମହାବିଦ୍ୟାର ଶେଷ



ବାରିପଦା ମା' ଅମ୍ବିକାଙ୍କ ମା' କମଳା ରୂପ

## ମା' ଅମ୍ବିକା ଭଜନ ସମାରୋହ



**ବାରିପଦା, ୨୮ ।୩(ସମିସ):** ଚୈତ୍ର ବାସନ୍ତିକ ଦୁର୍ଗାଷ୍ଟମୀ ସନ୍ଧ୍ୟାରେ ମା' ଅମ୍ବିକା ମନ୍ଦିର ନିକଟରେ ଦ୍ୱିତୀୟ ବାର୍ଷିକ ମା' ଅମ୍ବିକା ଭଜନ ସମାରୋହ ପାଳିତ ହୋଇଯାଇଛି। ପ୍ରଥମେ ମା' ଅମ୍ବିକା ମନ୍ଦିରରୁ ଆଜ୍ଞାମାଳ ଆସି ପ୍ରତିଷ୍ଠା କରାଯାଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା ମୁଖ୍ୟଅତିଥି, ସବୁଜ ସୁନ୍ଦର ବାରିପଦାର ଆବାହକ ଜିତେନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ବାମନଘାଟୀ ସାଂସ୍କୃତିକ ପରିଷଦର ସମ୍ପାଦକ ସୌରଭ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥିଙ୍କ ମଧ୍ୟରେ ସନ୍ଦୀପ ଚାନ୍ଦ, ପ୍ରଦୀପ ନାୟକ, ଦେବାଶିଷ ଦାସ, ଡା. କିଶୋର ପାତ୍ର, ଡ. ଶଶଧର ବିଶ୍ୱାଳ ଓ ଲୋହିତ ଦାଶ ଯୋଗ ଦେଇଥିଲେ। ସମ୍ପାଦକ ପ୍ରାଧ୍ୟାପକ ସୁନୀଲ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସାଂଗଠନିକ ସମ୍ପାଦକ ଲିଟନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଭଜନ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶାନ୍ତନୁ ସିଂହ, ସ୍ୱପ୍ନା ତ୍ରିପାଠୀ, ସାଗର ଲେଙ୍କା, ଡଃ ତନ୍ମୟୀ ରଥ, ହିମାଂଶୁ ପାଲ ଓ ଶ୍ରୀୟଙ୍କା ପଣ୍ଡା ଯୋଗ ଦେଇ ମା'ଙ୍କ ଭଜନ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆମେ ମୟୂରଭଞ୍ଜିଆର ଆବାହକ ସଞ୍ଜୟ ଚୌଧୁରୀ, ଜିତେନ୍ଦ୍ର ମହାନ୍ତି, ସନ୍ଦୀପ ଚାନ୍ଦ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ, ବିଶିଷ୍ଟ ଅଭିନେତା ଅନୁପ ଶାହା, ଗାୟକ ଓ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ସିଂହଙ୍କୁ ସମ୍ମାନପତ୍ର ଓ ଉପଢୌକନ ଦେଇ ଅଜୟ କୁମାର ଦାଶ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ସମସ୍ତ କଣ୍ଠଶିଳ୍ପୀ ଓ ବାଦ୍ୟକାରଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଭଜନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମା' ଅମ୍ବିକାଙ୍କ ଭକ୍ତ ଯୋଗଦେଇ ଭଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ନ୍ୟାୟ ପାଇଁ ପୀଡ଼ିତ ଏସ୍‌ପିଙ୍କ ଦ୍ୱାରସ୍ଥ

**ବାରିପଦା, ୨୮ ।୩(ସମିସ):** ଆଦିବାସୀ ସମାଜର ନିୟମାବଳୀ ମଧ୍ୟରେ ଆକ୍ରମଣରେ ଶିକାର ଜଣେ ବ୍ୟକ୍ତି ନ୍ୟାୟ ପାଇଁ ଶନିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପାଟପୁର ଗ୍ରାମର ଡମାନ ହାଁସଦାଙ୍କ ଭଉଣୀ ଚମ୍ପାଙ୍କ ସହିତ ବିଶୋଇ ଥାନା ଅଧୀନସ୍ଥ କୁଡୁମଦା ଗ୍ରାମର ବାହାଡ଼ା ଟୁଡୁଙ୍କ ପୁଅ ନବୀନଙ୍କ ପ୍ରେମ ସମ୍ପର୍କ ଥିଲା। ଏଥିରେ ଉଭୟଙ୍କ ପରିବାରର ସହମତିରେ ୨୪ ତାରିଖରେ କୁଡୁମଦା ଗ୍ରାମର ବାହାଡ଼ାଙ୍କ ବାସଭବନରେ ବିବାହ କାର୍ଯ୍ୟ କରାଯାଇଥିଲା। ପରେ ବାହାଡ଼ାଙ୍କ ନିର୍ଦ୍ଦେଶରେ ବିବାହ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ପିଥ ମାଝୀ ଓ ମେଘ୍ରାୟ ସୋରେନ ୨୫ ତାରିଖ ଦିନ ଝିଅର ଅଭିଭାବକଙ୍କୁ ଖବର ଦେବା ପାଇଁ ପାଟପୁର ଗ୍ରାମର ମାଝୀବାବା ଶୀରାମ ମାର୍ଣ୍ଡିଙ୍କ ଘରକୁ ଯାଇଥିଲେ। ଶୀରାମ ଦୁହିଁଙ୍କୁ ସେଠାରେ ପଚରାଉଚରା କରିବା ପରେ ବୈଠକ କରାଯିବ କହି ଦୁହିଁଙ୍କୁ ଗୋଟିଏ ରାତି ଅଟକ ରଖିଥିଲେ। ୨୬ ତାରିଖ ଦିନ ଅନୁଷ୍ଠିତ ବୈଠକରେ ମାଝୀବାବା (ଗ୍ରାମ ମୁଖ୍ୟ) ଶୀରାମଙ୍କ ନିର୍ଦ୍ଦେଶରେ କୁଡୁମଦା ଗ୍ରାମର ଗ୍ରାମବାସୀଙ୍କ ଦ୍ୱାରା ପିଥ ମାଝୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ରାଇରଙ୍ଗପୁର ହସ୍ପିଟାଲ ପରେ ବାରିପଦାକୁ ସ୍ଥାନାନ୍ତରିତ କରାଯାଇଥିଲା। ୩୪ ହଜାର ଟଙ୍କାର ମୋବାଇଲ ଭାଙ୍ଗି ଦିଆଯାଇଥିବା ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଥିଲା। ପରେ କୌଣସି ମାରପିଟ୍, ଭଙ୍ଗାରୁଜା ହୋଇନାହିଁ ବୋଲି ଚୁକ୍ତିନାମା ଲେଖା ୧୩ ହଜାର ଟଙ୍କା ଜରିମାନା କରାଯାଇ କୁଡୁମଦା ଗ୍ରାମକୁ ପଠାଇ ଦେଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସ୍ଥାନୀୟ ଥାନାରେ ନ୍ୟାୟ ନ ପାଇ ପିଥ ଶନିବାର ବାରିପଦାରେ ଏସପିଙ୍କୁ ଭେଟିବାକୁ ଯାଇଥିଲେ। ଏସପିଙ୍କ ଅନୁପସ୍ଥିତିରେ ଆଡିସନାଲ ଏସପିଙ୍କୁ ଭେଟିଥିଲେ।




ଜାତୀୟ ନାଟକ ମହୋତ୍ସବ

## ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କଲା ବାରିପଦାର ନାଟକ 'ଅପଦାର୍ଥ'

**ବାରିପଦା, ୨୮ ।୩(ସମିସ):** ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ରାଉରକେଲା ସିଭିକ ସେଣ୍ଟରରେ ଆୟୋଜିତ ଜାତୀୟ ନାଟକ ମହୋତ୍ସବରେ ବାରିପଦାର ରୂପାନ୍ତର ନାଟ୍ୟ ଅନୁଷ୍ଠାନ ପ୍ରଯୋଜିତ ନାଟକ 'ଅପଦାର୍ଥ' ମଞ୍ଚସ୍ଥ ହୋଇଯାଇଛି। ଭାସ୍କର ମହାପାତ୍ରଙ୍କ ରଚିତ ଓ ପରେଶ ସାହୁଙ୍କ ନିର୍ଦ୍ଦେଶିତ ନାଟକରେ ସପନ ପଣ୍ଡା, ସତ୍ୟନାରାୟଣ ଦାସ, ରବୀନ୍ଦ୍ର ବେହେରା, ଆଲୋକ ଦାସ, ଦିନେଶ ସାହୁ, ପ୍ରଦୀପ ଚୌଧୁରୀ, ମଦନମୋହନ ଜେନା, ପଦ୍ମିନୀ ପାଢ଼ୀ, ଲକ୍ଷ୍ମୀପ୍ରିୟା ସେନାପତି ଓ ଅପୂର୍ବା ସାହୁ ଅଭିନୟ କରିଥିବାବେଳେ ଶୁଭେନ୍ଦୁ ସାହୁ ସଙ୍ଗୀତ ନିର୍ଦ୍ଦେଶନା, ପ୍ରଳୟ ଶତପଥି ମଞ୍ଚସଜ୍ଜା ଓ ନାରାୟଣ ମଣ୍ଡଳ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ପୁରୁଷ ଓ ନାରୀ ଉଭୟଙ୍କ ସ୍ନେହ, ମମତା ଓ ତ୍ୟାଗର ପ୍ରତୀକ ପରିବାର ଓ ମାତ୍ର ନାରୀ ଯେତେବେଳେ ସମସ୍ତ ସୀମା ଲଂଘନ କରି ସ୍ୱେଚ୍ଛାଚାରିଣୀ ହୋଇଯାଏ ସେତେବେଳେ ପୁରୁଷ ପାଲଟିଯାଏ ଅପଦାର୍ଥ। ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ ଅଭିନେତାଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅଭିନେତା ଓ ନିର୍ଦ୍ଦେଶକ ପରେଶ ସାହୁଙ୍କୁ 'ସମ୍ପର୍କ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ନାଟକର ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଚୋରା ରନ୍ଧନ ଗ୍ୟାସ୍ ଗୋଦାମରେ ଚଢ଼ଉ

## ୧୧ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ

**ବାରିପଦା, ୨୮ ।୩(ସମିସ):** ସମ୍ପ୍ରତି ରନ୍ଧନ ଗ୍ୟାସ କଟକଣା ସମୟରେ ମନ୍ଦ ଉଦ୍ଦେଶ୍ୟରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାର କରିବା ଉଦ୍ଦେଶ୍ୟରେ ବେଆଇନ ଭାବେ ମହଜୁଦ ଥିବା ନେଇ ଜିଲ୍ଲା ଏନଫୋର୍ସମେଣ୍ଟ ଦଳ ଚଢ଼ଉ ଆରମ୍ଭ କରିଛି। ଶନିବାର ବାରିପଦା ସହରର ମୁର୍ଗାବାଡି ଓ ତକତପୁର ଅଞ୍ଚଳରେ ଏହି ଦଳ ଚଢ଼ଉ କରି ୧୧ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ଏ ନେଇ ପୃଥକ ମାମଲା ରୁଜୁ କରାଯାଇଛି। ବାରିପଦା ତହସିଲଦାର ସପନ କୁମାର ସାହୁଙ୍କ ନେତୃତ୍ୱରେ ବାରିପଦା ଉପଖଣ୍ଡ ଅତିରିକ୍ତ ଯୋଗାଣ ଅଧିକାରୀ, ବାରିପଦା ମ୍ୟୁନସିପାଲଟିର ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସହିତ ଚଢଉରେ ବାରିପଦା ମ୍ୟୁନସିପାଲଟି, ବାରିପଦା, ବେତନଟୀ, କୁଳିଅଣା ଓ ଶୁଳିଆପଦା ବ୍ଲକ ଯୋଗାଣ ନିରୀକ୍ଷକ ସାମିଲ ଥିଲେ। ରନ୍ଧନ ଗ୍ୟାସ ସିଲିଣ୍ଡର କଟକଣା ପାଇଁ ବର୍ତ୍ତମାନ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ୧୫୦୦ରୁ ୨୦୦୦ ଟଙ୍କାରେ ବିକ୍ରି ହେଉଛି। ଜିଲ୍ଲାପାଳ ହେମକାନ୍ତ ସାଏଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢଉ କରାଯାଇଛି ଓ ଏପରି ଚଢ଼ଉ ଜାରି ରହିବ ବୋଲି କୁହାଯାଇଛି।



## ରାତିରେ ଆସିଲା ଛାରଖାର କରି ଚାଲିଗଲା କାଳବୈଶାଖୀ

**ଉଦଳା, ୨୮ ।୩(ସମିସ):** ରାତିରେ ଅଚାନକ ମାଡ଼ି ଆସିଲା ଓ ସବୁ ଛାରଖାର କରି ଚାଲିଗଲା। କପ୍ତିପଦା ଉପଖଣ୍ଡରେ ଗତକାଲି ବିଳମ୍ବିତ ରାତିରେ କାଳ ବୈଶାଖୀ ରଚିଛି ତାଣ୍ଡବ। କପ୍ତିପଦା ବ୍ଲକ ଶରତ କେଶପଡ଼ା ଅଞ୍ଚଳରେ ଘରେ ଶୋଇଥିବା ଅବସ୍ଥାରେ କାନ୍ଥପଡ଼ି ଦମ୍ପତି ଗୁରୁତର ହୋଇଥିବାବେଳେ ଉପଖଣ୍ଡର ଅନ୍ୟ ସ୍ଥାନରେ ମଧ୍ୟ କାଳବୈଶାଖୀ ଦାଉ ସାଜିଛି। ଖୁଣ୍ଟା ବ୍ଲକର ଭୋଳାଗଡ଼ିଆ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଘର ଉପରେ ଗଛ ପଡ଼ିଥିବାବେଳେ କେହି ମୃତାହତ ହୋଇନାହାନ୍ତି। ଘରର ଟାଇଲ ଭାଙ୍ଗିଯାଇଛି। ସେହିପରି କପ୍ତିପଦା ବ୍ଲକର ପୋଡାଡିହା ମନଭଙ୍ଗା ନିକଟରେ କାଳବୈଶାଖୀ ୨ ଜଣଙ୍କ ଘରର ଆଜବେଷ୍ଟସ ଉଡାଇ ନେଇଛି।

## 'ପ୍ରଣାମ ଚିତ୍ରଡ଼ା' ଫାଉଣ୍ଡେସନ ପକ୍ଷରୁ ପ୍ରତିଯୋଗିତା

**ମୋରଡା, ୨୮ ।୩(ସମିସ):** ଓଡ଼ିଆ ନବବର୍ଷକୁ ଭିନ୍ନ ଢଙ୍ଗରେ ପାଳନ କରିବାକୁ ନେଇ ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ଚିତ୍ରଡାର ପ୍ରଣାମ ଚିତ୍ରଡା ଫାଉଣ୍ଡେସନ ତରଫରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଫାଉଣ୍ଡେସନ ପକ୍ଷରୁ ମୋରଡା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ, ରଚନା, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତେବେ ଉକ୍ତ ପ୍ରତିଯୋଗିତାକୁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ପାଣିଗ୍ରାହୀ ଉଦଘାଟନ କରିଥିଲେ। ଚିତ୍ରଡା ଜବାହାର ସରକାରୀ ଉଚ୍ଚବିଦ୍ୟାଳୟରେ ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅରୁଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ଶ୍ରୀ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଫାଉଣ୍ଡେସନର ସମ୍ପାଦକ ବିଜୟ ସାହୁ, ଉପଦେଷ୍ଟା ଅଜୟ ପାଲ, ଅଦିତ ବେହେରା, ରଣଜିତ ସାହୁ, ରବୀନ୍ଦ୍ର ମହାନ୍ତ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କଳା, ସାହିତ୍ୟ, ସଂସ୍କୃତିରେ ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ସହିତ ଆଗକୁ ଏକ ଉଜ୍ଜ୍ୱଳ ମଞ୍ଚରେ ଛାତ୍ରୀଛାତ୍ର କିପରି ନିଜର ପ୍ରତିଭା ପ୍ରଦର୍ଶନ କରିପାରିବେ ସେ ନେଇ ପ୍ରଣାମ ଚିତ୍ରଡା ସର୍ବଦା ଚେଷ୍ଟିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉପସଭାପତି ତପନ ବେହେରା, ଅମରେନ୍ଦ୍ର ସିଂବାବୁ, ରାଜୀବ ସାହୁ, ସ୍ମାରକ ମାଝୀ, ପରିତୋଷ ବାରିକ, ସ୍ମାରକ ମାଝୀ, ବିଶ୍ୱବନ୍ଦନ ବେହେରା, ଦୀପକ ବେହେରା, ପିତରଞ୍ଜନ ଜେନା, ଜ୍ୟୋତିରଞ୍ଜନ ଜିତବାବୁ, କରୁଣାକର ବେହେରା, ବିନୋଦ ମହାନ୍ତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ବଡ଼ସାହି ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର ବୈଠକ

ବଡ଼ସାହି, ୨୮ ।୩(ସମିସ): ବଡସାହି ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଏକ ଜରୁରୀ ବୈଠକ ସଭାପତି ସୁନୀଲ କୁମାର ଦାଶ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ରତ୍ନାକର ପାତ୍ର ବିବରଣୀ ପାଠ କରିଥିଲେ। ବୈଠକରେ ପ୍ରଦୀପ ବେହେରା, ସୁବୋଧ ଦଣ୍ଡପାଟ, ସୁବୋଧ ଦାସ, ମନୋରଞ୍ଜନ ବଳା, ସରୋଜ ବେହେରା ଓ ବୃନ୍ଦାବନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟାଳୟ ପାଇଁ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଜାଗା ସମସ୍ୟା, ଗରମକୁ ଦୃଷ୍ଟିରେ ରଖି ହନୁମାନ ମନ୍ଦିର ନିକଟରେ ମଞ୍ଚ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା, ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ଭତ୍ତା ୧ ହଜାର ଟଙ୍କାରୁ ୫ ହଜାର ଟଙ୍କାକୁ ବୃଦ୍ଧି କରିବା ସହିତ ପ୍ରତି ବ୍ଲକ ଓ ପଞ୍ଚାୟତ ସ୍ତରରେ ବୃଦ୍ଧାଶ୍ରମ ଖୋଲିବା, ରେଳ ଯାତ୍ରା ସମୟରେ ପୂର୍ବ ପ୍ରଚଳିତ ରିହାତି ପ୍ରଦାନ କରିବା, ବେତନଟୀରୁ ନୀଳଗିରି ଭାୟା ବଡସାହି ଦେଇ ନୂତନ ରେଳଲାଇନ ସଂଯୋଗୀକରଣ କରିବା, ବେତନଟୀ, ଉଦଳା ଭାୟା ବଡସାହି ରାସ୍ତାର ପ୍ରଶସ୍ତିକରଣ କରିବା, ବଡ଼ସାହି ବଜାରର ଡ୍ରେନ ସମସ୍ୟା ପ୍ରତି ପଦକ୍ଷେପ ନେବା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ଅବସରରେ ବରିଷ୍ଠ ସଦସ୍ୟ କୃଷ୍ଣମୋହନ ଜେନାଙ୍କ ବିୟୋଗରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ପଣ୍ଡା, ଅଶୋକ ବେହେରା ଓ ନିର୍ମଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ତ୍ତ ବିଭାଗ ବେଲଗଡ଼ିଆ ଗଳା ପୋଲ ବିପଦସଙ୍କୁଳ

## ଅସନଯୋଡ଼ା-ବାରିପଦା ଯୋଗାଯୋଗ ବିଚ୍ଛିନ୍ନ ଆଶଙ୍କା

**ବାରିପଦା, ୨୮ ।୩(ସମିସ)**

ବାରିପଦା ସହରର ବେଲଗଡ଼ିଆଠାରେ ଥିବା ରାଜାରାଜୁଡା ଅମଳର ଗଳାପୋଲ ସମ୍ପ୍ରତି ବିପଦସଙ୍କୁଳ ହୋଇପଡ଼ିଛି। ଦମକଳ କେନ୍ଦ୍ରରୁ ୧୮ନଂ ଜାତୀୟ ରାଜପଥର ଅସନଯୋଡାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ବେଲଗଡ଼ିଆର ଚିପଟ ନଦୀ ପୋଲ ପୂର୍ବରୁ ଥିବା ଏହି ପୋଲର ଦକ୍ଷିଣ ପାର୍ଶ୍ୱ ଗାର୍ଡୱାଲ ତଳୁ ମାଟି ଧସି ବୃହତ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଉପରୋକ୍ତ ରାସ୍ତା ଦେଇ ଦୈନିକ ହଜାର ହଜାର ଗାଡ଼ି ଓ ଭାରୀଯାନ ଚଳାଚଳ ହେଉଛି। ତେବେ ଜରୁରିକାଳୀନ ସ୍ଥିତିରେ ଭାରୀଯାନ ଚଳାଚଳ ବନ୍ଦ କରି ପୂର୍ତ୍ତ ବିଭାଗ ରାସ୍ତା ମରାମତି ପାଇଁ ସମାଜସେବୀ ଆଶିଷ କୁମାର ବସା ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାଜକିଶୋର ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯଥାଶୀଘ୍ର ମରାମତି ପ୍ରତିଶ୍ରୁତି ଦେଇଛନ୍ତି।



## ରାଜ୍ୟସ୍ତରୀୟ ଚିଲିକା ପ୍ରକୃତି ଶିବିରରେ ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀଙ୍କ ଯୋଗଦାନ




**ବାରିପଦା, ୨୮ ।୩(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ବ୍ୟୁରୋ ଦ୍ୱାରା ଗଠିତ ଏକ ଦଳ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ କଲେଜକୁ ଗସ୍ତ କରିଛନ୍ତି। ସେଠାରେ ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚିଲିକା ପ୍ରକୃତି ଶିବିରରେ ଯୋଗଦେବେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡ. ବସନ୍ତ ମହାନ୍ତ, ଜାତୀୟ ସେବା ଯୋଜନା ଜିଲ୍ଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳ ଓ ଜାତୀୟ ସେବା ଯୋଜନା ବ୍ୟୁରୋ ସହାୟକ ଅଜୟ ବଳ, ସ୍ୱେଚ୍ଛାସେବୀ ଆଦର୍ଶ ରାଉତଙ୍କ ଉପସ୍ଥିତିରେ ଏହି ଟିମ୍ ଗସ୍ତ କରିଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ ପ୍ରିୟବ୍ରତ ବେହେରାଙ୍କ ନେତୃତ୍ୱରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ରିଙ୍କୁ ଦାସ, ପୂର୍ଣ୍ଣିମା ଟୁଡୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସ୍ୱେଚ୍ଛାସେବୀ ଶୁଭମ ପରିଡ଼ା, ପ୍ରୀତିସ୍ମିତା ନନ୍ଦୀ, ଗୀତାଞ୍ଜଳି କର, ବାରିପଦା ମହାବିଦ୍ୟାଳୟର ମୋନାଲିସା ଜେନା, ଏମସିଏମ କଲେଜର ସାଗର ମହାନ୍ତି, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ସାଲହା ହେମ୍ବ୍ରମ ସ୍ୱେଚ୍ଛାସେବୀ ଓ କରଞ୍ଜିଆ ଅଟୋନମସ କଲେଜର ଦଶରଥ ଟୁଡୁ ଅଂଶଗ୍ରହଣ କରିଛନ୍ତି।

**ବୁରୁସାହି ଗ୍ରାମରେ ପାନୀୟଜଳ ସମସ୍ୟା**

# ଚୁଆ ପାଣି ପିଉଛନ୍ତି ୨୫ ଜନଜାତି ପରିବାର



ଆନନ୍ଦପୁର,୨୮।୩(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଗୟଲମୁଣ୍ଡା ପଞ୍ଚାୟତର ଭଲିବାସା ରାଜସ୍ୱ ଗ୍ରାମର ବୁରୁସାହି ଗ୍ରାମ ୧ ନମ୍ବର ୱାର୍ଡରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଉକ୍ତ ଗ୍ରାମରେ ୨୫ରୁ ଅଧିକ ଜନଜାତି ବସବାସ କରନ୍ତି। ଗ୍ରାମରେ ପାନୀୟଜଳର ସୁବିଧା ନ ଥିବାରୁ ଗ୍ରାମବାସୀ ଗ୍ରାମରେ ନିଜେ ଖୋଳିଥିବା ତିନିଟି ଚୁଆରୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଉଭୟ ପାନୀୟ ଓ ରୋଷେଇ ପାଇଁ ପାଣି ସଂଗ୍ରହ କରୁଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି।

ପାଣି ପଞ୍ଚାୟତ ନାମରେ ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଗ୍ରାମାଞ୍ଚଳରେ ଏହା କିଭଳି ଭାବେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ମିଳୁଛି। ଗ୍ରାମର ବୁରୁସାହିରେ ଏକ ଅଙ୍ଗନବାଡି କେନ୍ଦ୍ର ପ୍ରାୟ ୧୫ ବର୍ଷ ପୂର୍ବରୁ ସ୍ଥାପନ ହୋଇଥିଲେ ହେଁ ଉକ୍ତ ଅଙ୍ଗନବାଡି କେନ୍ଦ୍ର ନିମନ୍ତେ ସ୍ୱତନ୍ତ୍ର ଭାବେ ନଳକୂପ ଖୋଳାଯାଇ ନ ଥିବାରୁ ଅଙ୍ଗନବାଡି କେନ୍ଦ୍ର କର୍ତ୍ତୃପକ୍ଷ ପିଲାଙ୍କ ରୋଷେଇ ପାଇଁ ଚୁଆ ପାଣି ସଂଗ୍ରହ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଙ୍ଗନବାଡି କେନ୍ଦ୍ରରେ ୩୦ ଜଣ କୁନି କୁନି ପାଠ ପଢୁଛନ୍ତି। ତଦସହିତ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇପାରି ନ ଥିବାରୁ ଲୋକେ ଅନ୍ଧାର ମଧ୍ୟରେ କାଳାତିପାତ କରୁଥିବା ଅଭିଯୋଗ କରିଛନ୍ତି। ଗ୍ରାମ ରାସ୍ତାର ଉନ୍ନତିକରଣ ହୋଇପାରି ନ ଥିବାରୁ ଗ୍ରାମବାସୀ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଗ୍ରାମରେ ନଳକୂପ ଖନନ କରି ପାନୀୟ ଜଳର ସମସ୍ୟା ସମାଧାନ କରିବା ନିମନ୍ତେ ଗ୍ରାମର ବାସନ୍ତୀ ମାରାଣ୍ଡି, କାହ୍ନୀ ମାରାଣ୍ଡି, ମାଧୁରି ବିରୁଲି, ବିଜେନ୍ଦ୍ର ଶିର୍କା, ଲକ୍ଷ୍ମୀଧର ବିରୁଲି, ସାଧୁଚରଣ ଗୋଇପାଇ, ଗାମାଏ ରିମିଲ ଗୋଇପାଇ ଓ ମଠାଇ ଖୁଣ୍ଟିଆ ପ୍ରମୁଖ ନିବେଦନ କରିଛନ୍ତି। ଦାବି ପୂରଣ ନ ହେଲେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# କାଳବୈଶାଖୀରେ ଉଡ଼ିଗଲା ଘରର ଚାଳ



ଆନନ୍ଦପୁର, ୨୮।୩ (ସମିସ): କାଳବୈଶାଖୀରେ ଆନନ୍ଦପୁର ବ୍ଲକ ବାଉଁଶଗଡ଼ ଗ୍ରାମର ପ୍ରଭାକର ଦେହୁରୀଙ୍କ ନଡ଼ା ଛପର ଘର ଉଡ଼ି ଯାଇଛି। ଚାଷ ପାଇଁ ଋଣ ଆଣି ମକା ଚାଷ କରିଥିବା ହାଡବହାଳି ଗ୍ରାମର ମହେନ୍ଦ୍ର ମୁର୍ମୁଙ୍କ ମକାକ୍ଷେତ ଉଜୁଡି ଯାଇଛି। ଅଦିନିଆ ବର୍ଷା ଉଜାଡିଦେଲା ଫସଲ। ଫସଲ ହରାଇ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧଗୋଡା ପଞ୍ଚାୟତର ହାଡବାହାଳି ଗ୍ରାମର ମହେନ୍ଦ୍ର ମୁର୍ମୁ। ମକା ଚାଷ ସହ ପନିପରିବା ଚାଷ କରିଥିଲେ; ହେଲେ ଅଦିନିଆ ବର୍ଷା ଯୋଗୁଁ ମକା ଗଛ ସହ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ମହେନ୍ଦ୍ର ୬୦ ଡିସିମିଲ ଜମିରେ ମିଠା ମକା ଚାଷ କରିଥିବାବେଳେ ଗତକାଲି ରାତିରେ ହେଇଥିବା ଅଦିନିଆ ବର୍ଷା ପବନ ପ୍ରାୟ ଅଧାରୁ ଅଧିକ ମକା ଗଛ ସବୁ ଉଜାଡି ଦେଇଗଲା। ଋଣ କରି ଚାଷୀ ଚାଷ କରିଥିବା ବେଳେ ଏବେ କ୍ଷତିର ଭରଣା କିଭଳି କରିବ ସେନେଇ ପଡ଼ିଛନ୍ତି ଚିନ୍ତାରେ। ଏନେଇ ସେ ସ୍ଥାନୀୟ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିବାବେଳେ ଯେହେତୁ ସେ କୃଷି ବୀମା କରିନାହାନ୍ତି ତେଣୁ କିଛି ବି କ୍ଷତିପୂରଣ ମିଳିବ ନାହିଁ ଶୁଣିବା ପରେ ନିରାଶ ହୋଇ କେମିତି ଋଣ ପରିଶୋଧ କରିବେ ଚିନ୍ତାରେ ଭାଙ୍ଗିପଡିଛନ୍ତି।

# କାଳବୈଶାଖୀରେ ଘରଭାଙ୍ଗି ୨ ଗୁରୁତର

କପ୍ତିପଦା,୨୮।୩(ସମିସ): ଘରେ ଶୋଇଥିବାବେଳେ ଅଚାନକ ମାଡି ଆସିଲା ଝଡ଼ତୋଫାନ। ଭୁଶୁଡି ପଡିଲା ଘର କାନ୍ଥ, ଭାଙ୍ଗିଲା ଆଜବେଷ୍ଟସ। କାନ୍ଥ ତଳେ ଚାପିହୋଇ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଶରତ ଥାନା କେଶପଡା ଗ୍ରାମରେ ଘଟିଛି ଏଭଳି ଘଟଣା। ଗ୍ରାମର ବାରିଆଳ ମାରାଣ୍ଡି ଓ ତାଙ୍କ ସ୍ତ୍ରୀ ଦୁର୍ଗୀ ମାରାଣ୍ଡି ଶୋଇଥିବାବେଳେ ବିଳମ୍ବିତ ରାତିରେ ଅଚାନକ ହୋଇଥିଲା ପ୍ରବଳ ଝଡ଼ ତୋଫାନ। ବାରିଆଳଙ୍କ ଘର ମାଟି କାନ୍ଥ ଗଡ଼ିବା ସହିତ ଆଜବେଷ୍ଟସ ଭାଙ୍ଗି ଶୋଇଥିବା ଅବସ୍ଥାରେ ତାଙ୍କ ଉପରେ ପଡିଥିଲା। ଯାହାକି କାନ୍ଥ ତଳେ ଚାପି ହୋଇ ରହିଥିଲେ। ପରିବାର ଲୋକେ ଉଦ୍ଧାର କରିବାରେ ସଫଳ ହୋଇଥିବାବେଳେ ତାଙ୍କ ମୁଣ୍ଡ ଫାଟି ସେ ଗୁରୁତର ହୋଇଛନ୍ତି। ଅନ୍ୟପଟେ ପାଖରେ ଶୋଇଥିବା ସ୍ତ୍ରୀର କାନ ମଧ୍ୟ ମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ଉଭୟ ଉଦଳା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

# ଆନନ୍ଦପୁର ମେଡିକାଲରେ ଉତ୍ତେଜନା

ଆନନ୍ଦପୁର, ୨୮।୩ (ସମିସ): ରୋଗୀଙ୍କୁ ବାଇକରେ ମେଡିକାଲ୍ ଡ୍ରେସିଂ ରୁମ୍‌କୁ ନେବାକୁ ନେଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ୍ ହସ୍ତକ୍ଷେପ ପରେ ପରିସ୍ଥିତି ଆୟତ୍ତାଧୀନ ହୋଇଛି। ଘଷିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ନିକଟରେ ଗୋଟିଏ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରାଇଭର ବାପି ନାୟକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କିଛି ସ୍ଥାନୀୟ ବାସିନ୍ଦା ଗୋଟିଏ ବାଇକରେ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ କିନ୍ତୁ ଆହତଙ୍କୁ ଓପିଡିକୁ ନନେଇ ସିଧା ଡ୍ରେସିଂ ରୁମ୍‌କୁ ବାଇକ୍‌ରେ ନେଇଯାଇଥିଲେ। ଫଳରେ ମେଡିକାଲ୍ ସୁରକ୍ଷାକର୍ମୀମାନେ ଏହାର ଦୃଢ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଷିପୁରା ପୁଲିସ୍ ସ୍ଥିତି ନିୟନ୍ତ୍ରଣ କରିଥିଲା।

# ଜୟ ଶ୍ରୀରାମ ସଂଘ ପକ୍ଷରୁ ଶ୍ରୀରାମ ନବମୀ




ବେତନଟୀ,୨୮।୩(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଜୟ ଶ୍ରୀରାମ ସଂଘ ପକ୍ଷରୁ ଶ୍ରୀରାମ ଛକରେ ଶ୍ରୀରାମ ନବମୀ ଉତ୍ସବ ପାଳନ କରାଯାଇଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଥିରେ ବେତନଟୀ ଓ ଆଖପାଖ ଅଞ୍ଚଳର ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରସାଦ ସେବନ କରିଥିଲେ। ସକାଳୁ ପ୍ରଭୁ ଶ୍ରୀରାମଙ୍କ ପୂଜା ପରେ ଦିନ ୧ଟାରେ ପ୍ରସାଦ ବଣ୍ଟନ ଆରମ୍ଭ ହୋଇଥିଲା। ପ୍ରବଳ ଖରାକୁ ଖାତାର ନକରି ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳାର ସହିତ ପ୍ରସାଦ ସେବନ କରିଥିଲେ। ଜୟ ଶ୍ରୀରାମ ସଂଘ ଆନୁକୂଲ୍ୟରେ ପ୍ରଭୁ ଶ୍ରୀରାମଙ୍କ ବେତନଟୀ ବଜାର ମଧ୍ୟରେ ଭକ୍ତିମୟ ପରିବେଶରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବେତନଟୀ ଅଞ୍ଚଳର ବିଭିନ୍ନ କ୍ଲବ, ସଂଘ, ପୂଜା କମିଟି ସଦସ୍ୟ ସହଯୋଗ କରିଥିଲେ। ଶୋଭାଯାତ୍ରା ବେତନଟୀ ଚଣ୍ଡି ଛକରୁ ବାହାରି କଙ୍କାକାଳିଆ ଛକ, ହାଟ ଛକ, ଆନନ୍ଦ ବଜାର, ବସଷ୍ଟାଣ୍ଡ ଦେଇ ଚଣ୍ଡୀ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ସଂଘ ପକ୍ଷରୁ ସଭାପତି ଗୋପାଳ ବେହେରା, ସମ୍ପାଦକ ପ୍ରମୋଦ ପ୍ରଧାନ, ଛତିଶ ପଣ୍ଡିତ, ଶୋଭିତ ମିଶ୍ର, ପିଣ୍ଟୁ ପରିଡା, ବସନ୍ତ ମହାନ୍ତ, ନିର୍ମଳ ଲେଙ୍କା, ଉଦିତ ପରିଡା, ହୃଷିକେଶ ମହାନ୍ତ, ମାନସ ମତୁଆଲ, ସୁରେଶ ପଣ୍ଡିତ, ଦିନେଶ ମିଶ୍ର, କେଶବ ମହାନ୍ତ, ସୁମନ୍ତ ସାହୁ, ଛବି ବେହେରା, ବନୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ୩ ଘର



କୁଆମରା,୨୮।୩(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ କାଳବୈଶାଖୀର ତାଣ୍ଡବ ଯୋଗୁଁ ଖୁଣ୍ଟା ବ୍ଲକର ବିଭିନ୍ନ ସ୍ଥାନରେ ଘର ଭାଙ୍ଗି କ୍ଷୟକ୍ଷତି ଘଟିଛି। ଘଣ୍ଟା ପ୍ରତି ୭୦ରୁ ୮୦ କିଲୋମିଟର ବେଗରେ ପବନ ବୋହିବାରୁ ଅନେକ ପୁରୁଣା ବଡ଼ ବଡ଼ ଗଛ ଉପୁଡ଼ି ଘର ଉପରେ ପଡ଼ିଛି। ଭୋଳାଗଡିଆ ପଞ୍ଚାୟତର ବଡ଼ଓଳିଆ ଗ୍ରାମ ୯ ନମ୍ବର ୱାର୍ଡର ବିଜୁ ସୋରେନଙ୍କ ଘର ଉପରେ ଗଛ ପଡି ଆଜବେଷ୍ଟ ସହ ଘର ଭୁଶୁଡ଼ି ପଡିଛି। ମୁଚି ସାହିର ସୂର୍ଯ୍ୟା ସୋରେନଙ୍କ ନଡ଼ା ଛପର ଘର ଉଡ଼ିଯାଇଛି। କରକଚିଆ ପଞ୍ଚାୟତର ଟିକରପଡା ଗ୍ରାମର ସତ୍ୟବାନ ଦାସଙ୍କ ଘର ଉପରେ ବିରାଟକାୟ ଆମ୍ବ ଗଛ ପଡି ଘର ଛପର ଚୁରମାର ହୋଇଯାଇଛି। ଅନେକ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ ଖୁଣ୍ଟା ଅଗ୍ନିଶମ ବିଭାଗ ପହଞ୍ଚି ନିଜ କାର୍ଯ୍ୟ ତୁଲାଇଛନ୍ତି। ତେବେ ଆଜି ମଧ୍ୟାହ୍ନ ସୁଦ୍ଧା ଯାତାୟତ ସ୍ୱାଭାବିକ ହୋଇ ଯାଇଛି। ସେହିପରି ଲକ୍ଷ୍ମଣସାହି ପଞ୍ଚାୟତର ବିଭିନ୍ନ ଗ୍ରାମ ରେ କାଳବୈଶାଖୀ ତାଣ୍ଡବ ରଚିଛି। ଏକାଧିକ ଘର ଭାଙ୍ଗିବା ଦ୍ୱାରା ଲୋକେ ବାସହରା ହୋଇ ପଡିଛନ୍ତି।

# ସାମଗ୍ରିକ ବିଦ୍ୟାଳୟ ବିକାଶ ଆଧାରିତ କର୍ମଶାଳା



ବାରିପଦା/ରାଇରଙ୍ଗପୁର, ୨୮।୩(ସମିସ): ବିଜାତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ପ୍ରଶିକ୍ଷଣ ନିମନ୍ତେ ତ୍ରିଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' (୨ୟ ପ୍ରଯ୍ୟାୟ) ଉଦଯାପିତ ହୋଇଯାଇଛି। ଏଥିରେ ବିଜାତଳା ବ୍ଲକର ୫୨ ଜଣ ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ତିନିଦିନିଆ କର୍ମଶାଳା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବାରିପଦାର ଶିକ୍ଷକ ପ୍ରଶିକ୍ଷକ ସାଗର କୁମାର ଦଳନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଦିବସରେ ବିଜାତଳା ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ ନନ୍ଦ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରଞ୍ଜନ ସାଣ୍ଡିଲଙ୍କ ଉପସ୍ଥିତରେ, ସଂଯୋଜକ ତଥା ସାଧନ କର୍ମୀ ସାଗର ଦଳନାଏକ, ସାଧନ କର୍ମୀ ଭରତେନ୍ଦୁ ମହାନ୍ତ, ସାଧନ କର୍ମୀ ଶୁଭେନ୍ଦୁ ପାତ୍ର, ସାଧନ କର୍ମୀ ରବିଶଙ୍କର ମହାପାତ୍ରଙ୍କ ଦ୍ୱାରା ତିନିଦିନ ଧରି କର୍ମଶାଳା ସୂଚାରୁରୂପେ ପରିଚାଳିତ ହୋଇଥିଲା। ଶେଷରେ ପ୍ରଧାନଶିକ୍ଷକ ଭାରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବୃତ୍ତିଗତ ବିକାଶ କରିବା, ଜାତୀୟ ଶିକ୍ଷା ନୀତି-୨୦୨୦ର ପୁନର୍ବଳନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟକରଣ, ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ କରିବା, ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତି କରିବା, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ହୋଇଥଲା।

# ବନାଗ୍ନି ନିରାକରଣ ଓ ଗ୍ରୀଷ୍ମପ୍ରବାହ ସଚେତନତା

ବାରିପଦା, ୨୮।୩(ସମିସ): ଶନିବାର ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ କୋଚିଲାଘାଟି ପଞ୍ଚାୟତ ଖସାଡିହା ଗ୍ରାମରେ ବନାଗ୍ନି ନିରାକରଣ ଓ ଗ୍ରୀଷ୍ମପ୍ରବାହ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଚେତନତା କାର୍ଯ୍ୟକ୍ରମ ପରେ ଅଭାବୀ ଗ୍ରାମବାସୀଙ୍କୁ ଛତା, ଚପଲ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା। ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସଙ୍କ ସହିତ ଶୋଭନା ଆଚାର୍ଯ୍ୟ, ଉର୍ମିଳା କମିଳା, କାନନ ଆଡହ୍ୟ, ବରେନ୍ଦ୍ର ମହାନ୍ତି, ସରୋଜ ମିଶ୍ର, ହିମାଂଶୁ ଶେଖର ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ହେମନ୍ତ ଚନ୍ଦ୍ର ଦାଶ, ରବୀନ୍ଦ୍ର ମହାପାତ୍ର ଓ ପଞ୍ଚାୟତ ପ୍ରତିନିଧି ମଗୁନି ସିଂ ଓ ନିବେଦିତା ସିଂ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମକୁ ସଂଗଠିତ କରି ଛତା, ଚପଲ ବଣ୍ଟନ କରିଥିଲେ।

# କୋଠଡିହାକୁ ନୂତନ ପଞ୍ଚାୟତ ଦାବିରେ ଆଦିବାସୀ ମେଳି



ଆନନ୍ଦପୁର, ୨୮।୩ (ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ପଣସଡିହା ଗ୍ରାମପଞ୍ଚାୟତର କୋଠଡିହା ଗ୍ରାମକୁ ନୂତନ ଭାବେ ଗ୍ରାମପଞ୍ଚାୟତର ମାନ୍ୟତା ପ୍ରଦାନ କରାଯିବା ଦାବି ନେଇ ଆଜି ଉକ୍ତ ଗ୍ରାମରେ ଆଦିବାସୀମାନଙ୍କ ମେଳି ଦେଖାଯାଇଛି। ୨୦୧୧ ଜନଗଣନା ଅନୁସାରେ, ପଣସଡିହା ଗ୍ରାମପଞ୍ଚାୟତରେ ୧୩୧୮ ଜନସଂଖ୍ୟା ରହିଛି। ପଣସଡିହା ଗ୍ରାମପଞ୍ଚାୟତରେ ୧୩ଟି ରାଜସ୍ୱ ଗ୍ରାମ ଅନ୍ଧାରଝରୀ, ଅସନବଣୀ, ବଣିଆଯୋଡ଼ି, ଗେଣ୍ଟୁବେଡ଼ା, ହରଡାଭଳ, ହାତୀଚାପାଲ, ଜଞ୍ଜାଳି, ଜୟନ୍ତବେଡା,କୋଠାଡିହା, କୁମୁଡାବାହାଲି, ପଣସଡିହା, ପଣସଗୋଡିଆ ଏବଂ ସିକାବେଡା ରହିଛି। ବର୍ତ୍ତମାନ ୨୦୨୬ ମସିହା ସୁଦ୍ଧା ଗ୍ରାମରେ ବର୍ଦ୍ଧିତ ଜନସଂଖ୍ୟା ୭୦୦୦ ହଜାରକୁ ବୃଦ୍ଧି ପାଇଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମପଞ୍ଚାୟତରେ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ ଆରମ୍ଭ ହୋଇଛି ସତ ହେଲେ ତାହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରି ନାହିଁ। ପାନୀୟ ଜଳର ଉତ୍କଟ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଆଦିବାସୀ ବହୁଳ ଗ୍ରାମପଞ୍ଚାୟତର ସମସ୍ତ ବାସିନ୍ଦା ଚାଷ କାର୍ଯ୍ୟ ଉପରେ ନିର୍ଭର କରୁଥିଲେ ସୁଦ୍ଧା ସେମାନଙ୍କୁ ଚାଷୀ ରୂପେ ପଞ୍ଜୀକରଣ କରା ଯାଇ ନ ଥିବାରୁ ମଣ୍ଡିରେ ଧାନ ବିକ୍ରି କରିପାରୁ ନ ଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ପାରମ୍ପାରିକ ଆଦିମ ଅଧିବାସୀମାନେ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ବଳରେ ଜମି ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ସାମୂହିକ ପୋଖରୀ ଖନନ ହୋଇ ପାରି ନାହିଁ। ଗ୍ରାମବାସୀ ନାନାଦି ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି। ବର୍ଦ୍ଧିତ ଜନସଂଖ୍ୟା କାରଣରୁ ପଞ୍ଚାୟତ ପ୍ରଶାସନ ଗ୍ରାମରେ ସରକାରୀ ଯୋଜନା କାର୍ଯ୍ୟକାରୀ କରି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ଆଲୋଚନା ହୋଇଥିଲା କି, ପଞ୍ଚାୟତର ୭ଟି ରାଜସ୍ୱ ଗ୍ରାମକୁ ନେଇ କୋଠଡିହାଠାରେ ନୂତନ ଗ୍ରାମପଞ୍ଚାୟତ ସ୍ଥାପନ କରାଯିବା ନିମନ୍ତେ ଦାବିକୁ ଶାଣିତ କରାଯିବ। ଆଗାମୀ ଦିନରେ ଏହି ପ୍ରସଙ୍ଗରେ ଆନନ୍ଦପୁର ଉପଜିଲ୍ଲାପାଳ ଏବଂ କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ଆଲୋଚନା କରିଥିଲେ। ସମାଜସେବୀ ଗାମାଏ ରୀମିଲ ସିଂ ଗୋଇପାଇ, ସୁନିତା ଜଙ୍କ, ପାନବତୀ ସାମାଡ, ନରସିଂହ ଜଙ୍କ, କିରଣ କୁମାର ସାମାଡ, ମଙ୍ଗୁଲୁ ଚରଣ ଦେଓଗାମଙ୍କ ସମେତ ଗ୍ରାମର ଶତାଧିକ ଜନସାଧାରଣ ଏହି ମେଳିରେ ଅଂଶଗ୍ରହଣ କରିଥିଲେ।

**● ପଞ୍ଚାୟତ ପ୍ରତିନିଧିଙ୍କ ବାର୍ଷିକ ସମ୍ମିଳନୀ**

# ସ୍ୱାୟତ୍ତ ଶାସନକୁ ଜନମୁଖୀ କରିବା ଉପରେ ଗୁରୁତ୍ୱ



ତୁରୁମୁଙ୍ଗା, ୨୮।୩(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ କପୁଣ୍ଡିସ୍ଥିତ ଆଞ୍ଚଳିକ ଜୀବନ ଜୀବିକା ତାଲିମ କେନ୍ଦ୍ରରେ ସେଣ୍ଟର ଫର ୟୁଥ ଏଣ୍ଡ ସୋସିଆଲ ଡେଭଲପମେଣ୍ଟ (ସିୱାଇଏସଡି) ପକ୍ଷରୁ ପଞ୍ଚାୟତ ପ୍ରତିନିଧିମାନଙ୍କର ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ୧୭୦ ଜଣ ପଞ୍ଚାୟତିରାଜ ପ୍ରତିନିଧି, ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟସଭ୍ୟା, ୱାର୍ଡ ସଭ୍ୟସଭ୍ୟା, ଗ୍ରାମମିତ୍ର ଏବଂ ସିୱାଇଏସଡିର ପ୍ରକଳ୍ପ କର୍ମୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସାହାରପଡା ବ୍ଲକ ବ୍ଲକ ଅଧ୍ୟକ୍ଷା ରୀନା ନାୟକ ମୁଖ୍ୟଅତିଥି ଭାବେ ପଞ୍ଚାୟତ ପ୍ରତିନିଧିମାନଙ୍କର ନେତୃତ୍ୱ ବିକାଶ ଏବଂ ସ୍ଥାନୀୟ ଶାସନକୁ ଶକ୍ତିଶାଳୀ କରିବାରେ ସମ୍ମିଳିତ ଆଲୋଚନାର ଗୁରୁତ୍ୱ ଉଲ୍ଲେଖ କରି ଆଗାମୀ ଦଶ ବର୍ଷ ମଧ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ଦୃଷ୍ଟିରୁ ଅଧିକ ଜନମୁଖୀ କରିବା ପାଇଁ ଯୋଜନାମୂଳକ ପଦକ୍ଷେପ ଆବଶ୍ୟକ ବୋଲି କହିଥିଲେ। ସମ୍ମିଳନୀରେ ବ୍ଲକର ୨୦ଟି ଗ୍ରାମପଞ୍ଚାୟତରୁ ଆସିଥିବା ପ୍ରତିନିଧିମାନଙ୍କୁ ନେଇ ୪ଟି ଦଳ ଗଠନ କରାଯାଇ ସାମାଜିକ ସମସ୍ୟା ଓ ଭବିଷ୍ୟତର ସମ୍ଭାବ୍ୟ ଚ୍ୟାଲେଞ୍ଜ, ବର୍ତ୍ତମାନର ମୁଖ୍ୟ ସମସ୍ୟା, ପରିବେଶଜନିତ ସମସ୍ୟା ଓ ଆଗାମୀ ଦଶ ବର୍ଷର ସମ୍ଭାବ୍ୟ ପ୍ରଭାବ, ଗ୍ରାମପଞ୍ଚାୟତ ସ୍ତରର ବ୍ୟକ୍ତିଗତ ସମସ୍ୟା ଓ ସମାଧାନ ପଥ ଉପରେ ଚର୍ଚ୍ଚା କରାଯାଇଥିଲା। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷା ଛବିରାଣୀ ସେଠୀ ଓ ୩୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଚମ୍ପାବତୀ ଟୁଡୁ ସମସ୍ତ ପ୍ରତିନିଧିଙ୍କୁ ସମନ୍ୱୟ ଓ ସହଯୋଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ଗ୍ରାମୀଣ ସମୁଦାୟରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଗ୍ରାମ ମିତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ଆକାଶ କୁମାର ମହାନ୍ତ ଓ ଜିଲ୍ଲା ସଂଯୋଜିକା ସବିତା ସୁବୁଦ୍ଧି ସଂଚାଳନା କରିଥିବା ବେଳେ ସମସ୍ତ ପ୍ରକଳ୍ପ କର୍ମୀ ସହଯୋଗ କରିଥିଲେ। ତାଲିମଦାତା ଭାବେ ଜୟଦେବ ଡାକୁଆ ଭାରତୀ ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ମିଳନୀ ସହିତ ଆୟୋଜିତ ମିଲେଟ୍ ଖାଦ୍ୟ ମେଳା ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ମିଲେଟ୍ ଚାଷ ଓ ମିଲେଟ୍ ଖାଦ୍ୟର ପୋଷଣମୂଲ୍ୟ ଏବଂ ଉପକାରିତା ବିଷୟରେ ସଚେତନ କରାଯାଇଥିଲା।

# ଗୋପବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତେଲକୋଇ, ୨୮।୩(ସମିସ): ତେଲକୋଇ ବ୍ଲକ କତରାପାଲି ଗ୍ରାମ ଗୋପବନ୍ଧୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛବି



କେତନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ମୁଖ୍ୟ ବକ୍ତାଭାବେ ସମାଜସେବୀ ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିର୍ମଳଚନ୍ଦ୍ର ମହାନ୍ତ, ଧନୁର୍ଜୟପୁର୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯିବା ସହ ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କତରା ପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନ୍ଦର ମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ସହ ସମସ୍ତ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଭୋଳେଶ୍ୱର ସାହୁ, କୁମୁଦିନୀ ନାୟକ ସହଯୋଗ କରିଥିଲେ।

# ଦୋମୁହାଣି ନଦୀପଠାରେ ହାଇମାଷ୍ଟ ଲାଇଟ୍ ଦାବି

ଝୁମ୍ପୁରା, ୨୮।୩(ସମିସ): ଶୁକ୍ଳି ବ୍ଲକ ଅନ୍ତର୍ଗତ ଆଦିପୁର ମୌଜାର ଶେଷ ସୀମାରେ ବୈତରଣୀ ଓ ଖଇରଭଣ୍ଡନ ନଦୀ ଦ୍ୱୟର ସଙ୍ଗମ ସ୍ଥଳୀ ଦୋମୁହାଣି ପୀଠ। ପ୍ରାୟ ଦୁଇବର୍ଷ ପୂର୍ବରୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ସଂଯୋଗୀକରଣ ପାଇଁ ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ କରାଯାଇଛି। ଏହି ପୋଲ ଦେଇ ପ୍ରତିଦିନ ହଜାର ହଜାର ଯାନବାହନ ଓ ପଥଚାରୀ ଯାତାୟାତ କରୁଛନ୍ତି। ତେବେ ଆଦିପୁରଠାରୁ ଦୋମୁହାଣି ପୋଲ ପର୍ଯ୍ୟନ୍ତ ୧ କିମି ରାସ୍ତା ଜନବସତିଠାରୁ ଦୂରରେ ଥିବାରୁ ସଞ୍ଜ ନଇଁଲେ ଏହାର ଅନ୍ଧାରୁଆ ଓ ନିର୍ଜନ ପରିବେଶ ଅତି ଭୟଙ୍କର ହୋଇଥାଏ। ଏଥିସହ ବୈତରଣୀ ନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚାଷୀ ବର୍ଷ ତମାମ ବିଭିନ୍ନ ଫସଲ କରୁଥିବାରୁ ଅନେକ ସମୟରେ ହାତୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ବିଶେଷତଃ ରାତ୍ରୀ ସମୟରେ ଏ ଅଞ୍ଚଳ ଅଧିକ ବିପଦସଙ୍କୁଳ ମନେ ହେଉଥିବାରୁ ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷାକୁ ଦୃଷ୍ଟିରୁ ରଖି ସଠିକ୍ ସ୍ଥାନ ଚିହ୍ନଟ ସହିତ ଆବଶ୍ୟକ ସଂଖ୍ୟକ ହାଇମାଷ୍ଟ ଲାଇଟ ସ୍ଥାପନ କରିବାକୁ ଆଦିପୁରସ୍ଥ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୁଣ୍ୟତୀର୍ଥ ଦୋମୁହାଣି ବିକାଶ ପରିଷଦ ତରଫରୁ ଦୁଇମାସ ତଳେ କରଞ୍ଜିଆ ବନଖଣ୍ଡ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ପ୍ରେରଣ କରାଯାଇଥିବା ସଂପର୍କରେ ପରିଷଦର ସଭାପତି ଡ. ବଳଭଦ୍ର ଘଡାଇ ସୂଚନା ଦେଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**● ଆନନ୍ଦପୁର ଓକିଲ ସଂଘ ନିର୍ବାଚନ**

# ଦୟାନିଧି ସଭାପତି, ମଧୁସ୍ମିତା ସମ୍ପାଦିକା



ଆନନ୍ଦପୁର, ୨୮।୩ (ସମିସ): ଆନନ୍ଦପୁର ଓକିଲ ସଂଘର ନିର୍ବାଚନରେ ଦୟାନିଧି ଦାଶ ପଞ୍ଚମ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ମଧୁସ୍ମିତା ଦାସ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଦାଶ ୯୫ଖଣ୍ଡ ଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଚିତ୍ର ପଟ୍ଟନାୟକ ୩୬ ଖଣ୍ଡ ଓ କୁଳମଣି ସେଠୀ ୭ ଖଣ୍ଡ ଭୋଟ ପାଇଛନ୍ତି। ସମ୍ପାଦିକା ମଧୁସ୍ମିତା ୬୧ ଖଣ୍ଡ ଭୋଟ ପାଇଥିବା ବେଳେ ଭଗବାନ ମଲିକ ୫୯ ଖଣ୍ଡ ଓ ଚମ୍ପକ ଓଝା ୨୧ ଖଣ୍ଡ ଭୋଟ ପାଇଛନ୍ତି। ଉପସଭାପତି ଭରତ ସେଠୀ ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ, କୋଷାଧ୍ୟକ୍ଷ ଅଶୋକ ରାଉଳ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଜୁମର ସିଂହ ମହାନ୍ତି, କହ୍ନେଇ ଚରଣ ସାହୁ, ତ୍ରିଲୋଚନ ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ କିଶୋର କୁମାର ଚକ୍ର ଓ ମହେନ୍ଦ୍ର ରାମ ନିର୍ବାଚନ ପରିଚାଳନା କରିଥିଲେ। ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଓକିଲ ସଂଘ ସଦସ୍ୟ ଅମ୍ଳାନ କେଶରୀ ଜେନା, ବିଚିତ୍ର ଚକ୍ର, ଭୁବନାନନ୍ଦ ଜେନା, ଚତୁର୍ଭୂଜ ଜେନା, ଜୟନ୍ତ ରାଜ ଉମେଶ ମହାନ୍ତି, ରବୀନ୍ଦ୍ର ବେହେରା ଦିଲୀପ ନାଥ, ରାମଚନ୍ଦ୍ର ମିଶ୍ର, ହେମନ୍ତ ମଲିକ, କ୍ଷୀରୋଦ ତ୍ରିପାଠୀ. ସୁବାସ ବିଶ୍ୱାଳ, ବାପୁ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ଠାକୁରମୁଣ୍ଡା ବଜାର ଅଳଙ୍କାର ଦୋକାନରୁ ଚୋରି ଘଟଣା**

# ୨ ଗିରଫ, ସୁନା ଓ ରୁପା ଅଳଙ୍କାର ଉଦ୍ଧାର



ଠାକୁରମୁଣ୍ଡା,୨୮।୩ (ସମିସ): ଗତ ମାସ ୧୧ ତାରିଖ ରାତିରେ ଠାକୁରମୁଣ୍ଡା ବଜାରରେ ଥିବା ଦୁର୍ଗା ଅଳଙ୍କାର ଦୋକାନରୁ ଚୋରି ହୋଇଥିବା ସୁନା ଓ ରୂପା ଅଳଙ୍କାର ପୁଲିସ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଠାକୁରମୁଣ୍ଡା ଥାନାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପୁଲିସ ହାତରେ ଧରାପଡିଥିବା ବ୍ୟକ୍ତି ଝାଡ଼ଖଣ୍ଡ ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଚୋରି ଘଟଣାରେ ୮ ଜଣ ସମ୍ପୃକ୍ତ ଥିବା ପୁଲିସ ସୂଚନା ଦେଇଥିବାବେଳେ ସେଥି ମଧ୍ୟରୁ ୨ ଜଣ ଗିରଫ ହୋଇଛନ୍ତି। ତଦନ୍ତ ଚାଲୁ ରହିଥିବା କାରଣରୁ ଗିରଫ ବ୍ୟକ୍ତିଙ୍କ ନାମ ପୁଲିସ ଗୋପନ ରଖିଛି। ପୁଲିସ ଅଧା କେଜି ରୁପା ଓ କିଛି ସୁନା ଅଳଙ୍କାରକୁ ଉଦ୍ଧାର କରିଥିବା କହିଛି। ଠାକୁରମୁଣ୍ଡା ଥାନାରେ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ,ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇଙ୍କ ଉପସ୍ଥିତିରେ ଖବରଦାତାଙ୍କୁ ଅତିରିକ୍ତ ଏସପି ସୂଚନା ପ୍ରଦାନ କରି କହିଥିଲେ, ଠାକୁରମୁଣ୍ଡା ବଜାରରେ ଥିବା ରାଜେନ୍ଦ୍ର ସାହୁଙ୍କ ଅଳଙ୍କାର ଦୋକାନ ପଛ କାନ୍ଥକୁ ସିନ୍ଧି କରି ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶି ଗ୍ୟାସ କଟର ସାହାଯ୍ୟରେ ଲୁହା ଲକର କାଟି ସେଥିରେ ଥିବା ସୁନା ଓ ରୂପା ଅଳଙ୍କାର ଲୁଟି ନେଇଥିଲେ। ସେଦିନ ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ଭାଙ୍ଗି ଦେବା ସହିତ ସିସି ଟିଭି ହାର୍ଡ ଡିସ୍କକୁ ନେଇଯାଇଥିଲେ। ଚୋରି ଘଟଣା ପରେ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ତଦନ୍ତ ଟିମ ଗଠନ କରାଯାଇଥିଲା। ମୋରଡା ଥାନା ଆଇଆଇସି ସୁମିତ ସୋରେନ,ଠାକୁରମୁଣ୍ଡା ଓଆଇସି ସାବିତ୍ରୀ ଦଳେଇ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ଗଠିତ ଟିମ ତଦନ୍ତ ଚଳାଇ ଆସୁଥିଲେ। କୌଣସି ସୂତ୍ରରୁ ସୁରାକ ପାଇ ତଦନ୍ତ ଟିମ ୨ ସପ୍ତାହ ଧରି ଝାଡ଼ଖଣ୍ଡ ଅଞ୍ଚଳରେ ଡେରା ପକାଇଥିଲେ। ଶେଷରେ ଝାଡ଼ଖଣ୍ଡର ରାଜମହଲ ଥାନା ଅଞ୍ଚଳରୁ ଜଣକୁ ଗିରଫ କରି ଅଳଙ୍କାର ଜବତ କରିଥିଲେ। ଏଥିସହିତ ଆଉ ଜଣକୁ ଯଶିପୁରରୁ ଗିରଫ କରିଥିଲେ। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି ବୋଲି କହିଥିଲେ।

### ଥମୁନି ବେଆଇନ ବାଲି ଚାଲାଣ

# ଝାଡ଼ଖଣ୍ଡ ଓ କେନ୍ଦୁଝରକୁ ଚାଲାଣ ହେଉଛି ପାଞ୍ଚପିଢ଼ ଓ ବାମନଘାଟି ବାଲି

- ଲଘୁ ଖଣିଜ ମାଫିଆଙ୍କ ପାଇଁ ସାଜିଛି ଭୂସ୍ୱର୍ଗ
- ହାଇୱାରେ ରାତିଅଧିଆ ହେଉଛି ବାଲି ଚାଲାଣ

ରାଇରଙ୍ଗପୁର, ୨୮।୩(ସମିସ): ଜିଲ୍ଲାର ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ଲଘୁ ଖଣିଜ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି। ଲଗାତର ଚଢ଼ଉ ଅଭାବରୁ ବେଆଇନ ଭାବେ ଲଘୁ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ ମାତ୍ରା ବୃଦ୍ଧି ପାଉଛି। ବିଭାଗ ପକ୍ଷରୁ କଡ଼ାକଡ଼ି ଚଢ଼ାଉ ନେଇ ତତ୍ପରତା ମଧ ପ୍ରକାଶ ପାଉନାହିଁ। କିଛି ଦିନର ବ୍ୟବଧାନ ପରେ ପୁଣି ମାଫିଆ ସକ୍ରିୟ ହୋଇଛନ୍ତି। ରାଇରଙ୍ଗପୁର ସହର ମଧରେ ପ୍ରବାହିତ ଖଡ଼ଖାଇ ନଦୀ ସମେତ ବହଳଦା, ଜାମଦା ଓ ତିରିଂ ବ୍ଲକରେ ବ୍ୟାପକ ଭାବେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନିକ ଅଧିକାରୀ ଏହା ଜାଣି ସୁଦ୍ଧା ଚୁପ ରହିଛନ୍ତି। ପାଞ୍ଚପିଢ଼ ଓ ବାମନଘାଟି ଅଞ୍ଚଳର ବାଲି କେନ୍ଦୁଝର ଓ ଝାଡ଼ଖଣ୍ଡକୁ ଚାଲାଣ ହେଉଛି। ଫଳରେ ଜିଲ୍ଲାର ରାଜସ୍ୱ ହାନୀ ହେଉଛି।

ବହଳଦା ଓ ଜାମଦା ତହସିଲ ଅଧୀନ ଖଡଖାଇ ନଦୀର ବିଭିନ୍ନ ଘାଟ ଓ ତିରିଂ ତହସିଲ ଅଧିନ ନଦୀର ରାମବେଡ଼ା, ବିଜୟବସା, ମାଘୁଆ ସମେତ ଅନ୍ୟ ବେଆଇନ ବାଲିଘାଟରୁ ବେଧଡକ ଭାବେ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି ମାଫିଆ। ଉକ୍ତ ଅଞ୍ଚଳରେ କେବଳ ୫ଟି ନଦୀ ଘାଟକୁ ଅସ୍ଥାୟୀ ସୋର୍ସ ଘାଟ ଭାବେ ଅନୁମତି ଥିବାବେଳେ ବାକି ଘାଟରୁ କୌଣସି



ଲିଜ୍ ନ ଥିବା ସତ୍ତ୍ୱେ ବାଲି ଚୋରା ଚାଲାଣ ହେଉଛି। ଯାହାକି ପ୍ରଶାସନର ନଜରରେ ପଡ଼ିପାରୁନାହିଁ। ଉକ୍ତ ନଦୀ କୂଳରେ ଅନେକ ବେଆଇନ ବାଲି ସଇରାତ ଗଢି ଉଠିଛି। ଯେଉଁଠୁ କି ନିୟମିତ ଭାବେ ହାଇୱା ଓ ଟ୍ରାକ୍ଟରରେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ ହୋଇ ପଡ଼ୋଶୀ ଝାଡ଼ଖଣ୍ଡର ବିଭିନ୍ନ ସ୍ଥାନକୁ ନିୟମିତ ଭାବେ ଚାଲାଣ ହେଉଛି। ବାଲି ମାଫିଆମାନେ ବିନା ଡରରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି। ସେହିପରି ପାଞ୍ଚପିଢ଼ ଉପଖଣ୍ଡରେ ସମାନ ପରିସ୍ଥିତି ରହିଛି। କର୍ମଚାରୀ ଅଭାବରୁ ନିୟମିତ ଚଢ଼ଉ ହୋଇପାରୁନାହିଁ। ବିଭିନ୍ନ ସ୍ଥାନରୁ ବାଲି ଉତ୍ତୋଳନ ହୋଇ କରଞ୍ଜିଆ ଦେଇ କେନ୍ଦୁଝର ଜିଲ୍ଲାକୁ ବେଆଇନ ଚାଲାଣ ହେଉଛି। ଏମିତିକା କି ରାତିରେ ଥାନା ନିକଟ ଦେଇ ବଡ଼ ବଡ଼ ହାଇୱାରେ ଟ୍ରିପ ଟ୍ରିପ ବାଲି ନିୟମିତ ଚାଲାଣ ହେଉଛି। ବଡ଼ ବଡ଼ିଆ ନେତାଙ୍କ ଛତ୍ରଛାୟାରେ ଚୋରା ବ୍ୟାପର ହେଉଥିବାବେଳେ ସବୁ ଜାଣି ପୁଲିସ ପ୍ରଶାସନ ଚୁପ ରହିଛି। ପ୍ରାୟ ୩ ବର୍ଷ ପୂର୍ବେ ଜାତୀୟ ଗ୍ରୀନ ଟ୍ରିବୁନାଲ (ଏନଜିଟି) ଛାଟ ପରେ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ଲିଜଧାରୀ ଓ ବିନା ଲିଜଧାରୀ ବାଲି ଖନନ ଓ ସାଇରାତ ନିଲାମ ବନ୍ଦ ରହିଛି। ସରକାରୀ ନିର୍ଦ୍ଦେଶ ପରେ କେତେକ ଘାଟ ଅସ୍ଥାୟୀ ଭାବେ ଟ୍ରାଞ୍ଜିଟ ପାସ ଦିଆଯାଇଛି। କିନ୍ତୁ ଦୁଇ ଉପଖଣ୍ଡରେ ବିନା ପ୍ରତିବନ୍ଧକରେ ଅନେକ ବେଆଇନ ଘାଟ ଖୁଲମଖୁଲା ଭାବେ ଦିନରାତି ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଟ୍ରକ, ଟ୍ରାକ୍ଟର, ହାଇୱା, ଟିପର ଆଦିରେ ବାଲି, ମୋରମ, ଚିପ୍ସ ଆଦି ଚାଲାଣ ହେଉଥିଲା। ବେଆଇନ ବାଲି ଚୋରା ଚାଲାଣ ମାତ୍ରା ବୃଦ୍ଧି ପାଉଥିଲେ ସୁଦ୍ଧା ରୋକ ଲାଗୁନି। ମେସିନ ଲଗାଇ ରାତିଅଧିଆ ବାଲି ଲୁଟ ହେଉଥିବା ଦେଖିବାକୁ ମିଳୁଛି। ବେଆଇନ ଭାବେ ଲଘୁ ଖଣିଜ ଚୋରା ଚାଲାଣ ରୋକିବା ପାଇଁ ବାରମ୍ବାର ଖବର ପ୍ରସାରଣ ପରେ ଗୋଟିଏ କିମ୍ବା ଦୁଇଟି ଟ୍ରାକ୍ଟର/ହାଇୱା ଧରି ଚୁପ ହୋଇ ବସୁଛନ୍ତି। କିନ୍ତୁ ଘାଟ ଅଞ୍ଚଳରେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ଚଢ଼ଉ କରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ମୟୁରଭଞ୍ଜ ବୃହତ ଜିଲ୍ଲା ହୋଇଥିବାରୁ ରାଇରଙ୍ଗପୁର ଓ ପାଞ୍ଚପିଢ଼ ଉପଖଣ୍ଡ ନିମନ୍ତେ ଏକ ଉପଖଣ୍ଡ ସ୍ତରୀୟ ଖଣି କାର୍ଯ୍ୟାଳୟ ନିହାତି ଆବଶ୍ୟକ ଅଟେ। କର୍ମଚାରୀ ସଂଖ୍ୟା ବୃଦ୍ଧି ପାଇବା ସହ ବେଆଇନ ଚାଲାଣରେ ଅଙ୍କୁଶ ଲାଗିବାରେ ସହାୟକ ହେବ। ସ୍ଥାନୀୟ ତହସିଲ ଓ ପୁଲିସ ପକ୍ଷରୁ କଡ଼ାକଡ଼ି ପାଟ୍ରୋଲିଂ କରାଯାଇ ଏହାକୁ ରୋକିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ନଦୀରେ ବୁଡ଼ି ଶିଶୁକନ୍ୟା ମୃତ

ମହୁଲଡିହା, ୨୮।୩(ସମିସ): ମହୁଲଡିହା ଥାନା ସାତକୋଶିଆ ପଞ୍ଚାୟତ ବାଲିଘାଟ ଶାଳନ୍ଦୀ ନଦୀ (ଭୈରବ କୁଣ୍ଡ) ଉପରେ ଗାଧୁଆ ଘାଟରେ ସନ୍ଧ୍ୟା ବେଳେ ଏକ ଶିଶୁକନ୍ୟା ବୁଡିଯାଇ ମୃତ୍ୟୁବରଣ କରିଛି। ମୃତକ ବାଲିଘାଟ ଗ୍ରାମର ବାଗୁନ ଜାରିକାଙ୍କ ଶିଶୁକନ୍ୟା ଆନିଶା (୮)। ଅତ୍ୟଧିକ ଗରମ ହେଉଥିବାରୁ ସାଙ୍ଗ ପିଲାଙ୍କ ସହିତ ମିଶି ଘର ପାଖରେ ପ୍ରବାହିତ ଶାଳନ୍ଦୀ ନଦୀର ଗାଧୁଆ ଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅଜାଣରେ ଗଭୀର ଜଳରେ ଆନିଶା ବୁଡ଼ି ଯାଇଥିଲେ। ସାଙ୍ଗ ପିଲା ଦେଖି ଘରକୁ ଯାଇ ଆନିଶାର ମାଆ ସୁରମଣିଙ୍କୁ ଜଣାଇଥିଲେ। ସେ ପରିବାର ଓ ଗ୍ରାମର ଲୋକଙ୍କୁ କହିବାରୁ ନଦୀରୁ ଆନିଶାକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୨୮।୩(ସମିସ): ଯଶିପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି ହୋଇଛି। ଏ ନେଇ ଶିକ୍ଷାଧିକାରୀ ସୁଶାନ୍ତ କୁମାର ସିଂ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟ ବନ୍ଦ ଥିବାବେଳେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ଯାମୁନ୍ତି ଗ୍ରାମରେ ରାମ ନବମୀ



ଶୁକୃଳି, ୨୮।୩(ସମିସ): ଶୁକୃଳି ବ୍ଲକ ଯାମୁନ୍ତି ଗ୍ରାମରେ ଧୂମଧାମରେ ପାଳିତ ହୋଇଛି ରାମ ନବମୀ। ଯାମୁନ୍ତି ଗ୍ରାମର ବଡ଼ହୁଡ଼ିଠାରେ ରାମ ମନ୍ଦିର ନିର୍ମାଣ ପାଇଁ ଗ୍ରାମବାସୀ ମନସ୍ଥ କରିଛନ୍ତି। ସେଥିପାଇଁ ଗତ କିଛି ବର୍ଷ ହେଲା ଯାମୁନ୍ତି ଗ୍ରାମବାସୀଙ୍କ ଦ୍ୱାରା ରାମ ନବମୀ ପାଳନ କରାଯାଉଛି। ପୁଣ୍ୟତୋୟା ବୈତରଣୀ ନଦୀରୁ ପାଣି ଆଣି ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ପୂଜାର୍ଚ୍ଚନା ହୋଇଥିଲା। କଳସ ଯାତ୍ରାରେ ଉଭୟ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ୭୨ କଳସରେ ପାଣି ଆଣି ମନ୍ଦିର ନିର୍ମାଣ ପାଇଁ ନିର୍ଦ୍ଧାରିତ ହୋଇଥିବା ସ୍ଥାନ ମାଟିଆହୁଡ଼ିରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ସୁରେନ୍ଦ୍ର ମହାନ୍ତ, ବୁଲୁ ଗିରି, ଶିରୀଶ ମହାନ୍ତ, ପଟେଲ ମହାନ୍ତ, ତ୍ରିଲୋଚନ ମହାନ୍ତ କାର୍ଯ୍ୟ ନିର୍ବାହ କରିଥିଲେ। ଚନ୍ଦ୍ରଶେଖର ଦାସ ପୁରୋହିତ ଦାୟିତ୍ୱ ତୁଲାଇ ଥିଲେ। ମନୋରଞ୍ଜନ ମହାନ୍ତ, ଲୁନା ଗିରି, ଦିଲ୍ଲୀପ ମହାନ୍ତ, ଶାନ୍ତନୁ ନାଏକ, ଜଗଦୀଶ ଗିରି, ରତିକାନ୍ତ ଗିରି, ଗୋପୀନାଥ ମୁଣ୍ଡା, ମହେନ୍ଦ୍ର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## କରଞ୍ଜିଆରେ ରାମ ନବମୀ ଉତ୍ସବ

କରଞ୍ଜିଆ, ୨୮।୩ (ସମିସ): କରଞ୍ଜିଆ ଅଞ୍ଚଳରେ ରାମ ନବମୀ ଉତ୍ସବ ଧୂମଧାମରେ ପାଳିତ ହୋଇଛି। ପାଞ୍ଚପିଢ଼ ଉପଖଣ୍ଡର 'ଶ୍ରୀରାମ ନବମୀ ଉତ୍ସବ ସମିତି' ପକ୍ଷରୁ ଆୟୋଜିତ ରାମ ନବମୀ ଝଣ୍ଡା ଶୋଭାଯାତ୍ରାରେ ଅଞ୍ଚଳର ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ। ପୂର୍ଣ୍ଣେଶ୍ୱର ମନ୍ଦିରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା କରଞ୍ଜିଆ ସହରର ବିଭିନ୍ନ ମୁଖ୍ୟ ସଡକ ଦେଇ ପରିକ୍ରମା କରିଥିଲା। ଜୟଶ୍ରୀରାମ ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ଶୋଭାଯାତ୍ରାରେ ଚାରୁସ୍ ଏକାଡେମୀର କୁନି କୁନି କଳାକାର ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଆକର୍ଷଣୀୟ ବେଶଭୂଷାରେ ଅଭିନୟ କରି ସମସ୍ତଙ୍କ ମନକୁ ମୁଗ୍ଧ କରିଥିଲେ। ସେହିପରି ଚାରୁସ୍ ଏକାଡେମୀ ପକ୍ଷରୁ ପ୍ରସ୍ତୁତ 'ରାମ କଥାମୃତ' ନାଟ୍ୟ ପ୍ରଦର୍ଶନ ଓ ପାରମ୍ପରିକ ବାଡ଼ି ଖେଳ ମଧ ଲୋକଙ୍କୁ ଆକର୍ଷିତ କରିଥିଲା। ଶୋଭାଯାତ୍ରା ପଥରେ ସ୍ଥାନେ ସ୍ଥାନେ ବିଭିନ୍ନ ସମାଜସେବୀ ସଂଗଠନ ଓ ସଂସ୍ଥା ମୃଦୁ ପାନୀୟ, ପାଣି ଓ ଅନ୍ୟାନ୍ୟ ସେବାର ବ୍ୟବସ୍ଥା କରିଥିଲେ।

## ଶ୍ରୀରାମ ନବମୀ ପାଳିତ

କୁଆମରା, ୨୮।୩(ସମିସ): ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମର ଶ୍ରୀରାମ ମନ୍ଦିରରେ ରାମ ନବମୀ ଉତ୍ସବ ଉତ୍ସାହର ସହ ପାଳିତ ହୋଇଯାଇଛି। ମନ୍ଦିର ପୂଜକ ପ୍ରମୋଦ ମିଶ୍ର ଓ ପ୍ରମୋଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କର୍ତ୍ତା ଭାବେ ନିର୍ମଳ ପୃଷ୍ଟି କାର୍ଯ୍ୟ ତୁଲାଇଥିଲେ। ସେହିପରି ଖୁଣ୍ଟାଠାରେ ମହାବୀର ହନୁମାନଙ୍କ ମନ୍ଦିରରେ ମଧ ରାମନବମୀ ପାଳିତ ହୋଇଛି। ମନ୍ଦିର ପୂଜକ ଜ୍ୟୋତି ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରସନ୍ନ ମିଶ୍ର, ତାପସ ଦାଶ ପ୍ରମୁଖ ପୂଜା ପାଠ ଓ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ବିରଞ୍ଚି ପ୍ରସାଦ ଅଧିକାରୀ ଓ ସୁରୂପ କାନୁନଗୋ କାର୍ଯ୍ୟ ତୁଲାଇଥିଲେ। ପୁରୁଣା ବାରିପଦା ପଞ୍ଚାୟତସ୍ଥ ଗଡ଼ିଆମାଳଠାରେ ହନୁମାନ ମନ୍ଦିରରେ ରାମନବମୀ ପାଳିତ ହୋଇଯାଇଛି।

## 'ମଣିଷ ଗଢ଼ିବାରେ ନାଟକ ଏକ ସଫଳ ମାଧମ' ଆଲୋଚନାଚକ୍ର

ବାରିପଦା, ୨୮।୩(ସମିସ):ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ତଖତପୁରସ୍ଥ ହିନ୍ଦୁସ୍ଥାନ ଡ୍ୟାନ୍ସ ଅନୁଷ୍ଠାନରେ ଶିଶୁ କଳାକାରଙ୍କୁ ନେଇ 'ଚରିତ୍ର ଗଠନ ଓ ସଂଘବଦ୍ଧ ଜୀବନ ପ୍ରତିଷ୍ଠାରେ ନାଟକ ଏକ ସଫଳ ମାଧମ' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ନିର୍ଦ୍ଦେଶକ ଅମିତ୍ ବାରିକଙ୍କ ପରିଚାଳନାରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ, କଳାକାର ଗୋବିନ୍ଦ ଚନ୍ଦ୍ର ଗିରି ମୁଖ୍ୟଅତିଥି, ନାଟ୍ୟକାର ଆଶିଷ କୁମାର ବଶା ମୁଖ୍ୟବକ୍ତା, ନାଟ୍ୟ ସମୀକ୍ଷକ ଶୁଭେନ୍ଦୁ କୁମାର ପାଲ ସମ୍ମାନିତ ଅତିଥି, କଳାକାର ତ୍ରିଲୋଚନ ସାହୁ ଯୋଗଦେଇ ଆଲୋଚନା ପ୍ରସଙ୍ଗରେ ନାଟକର ସମାଜ ଉପରେ ପ୍ରଭାବ ଓ ନାଟକର ବିବିଧ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ୧ ଆଜିର ଶିଶୁ ହିଁ ଭବିଷ୍ୟତର କର୍ଣ୍ଣଧାର। ଉପସ୍ଥିତ ଶିଶୁ, ଅଭିଭାବକଙ୍କ ମଧରେ ପ୍ରଶ୍ନୋତ୍ତର ମାଧମରେ ନାଟକ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଅନୁଷ୍ଠାନର ନୃତ୍ୟ ଶିକ୍ଷୟିତ୍ରୀ ଅନିନ୍ଦିତା ପ୍ରିୟଦର୍ଶିନୀ ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଏମ୍‌ସିଏମ୍‌ରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



ବାରିପଦା, ୨୮।୩(ସମିସ): ପାରମ୍ପରିକ ଔଷଧୀୟ ବୃକ୍ଷର ମୂଲ୍ୟାଙ୍କନ, ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଜନସଂଖ୍ୟା ବୃଦ୍ଧି ଭଳି ଜଟିଳ ପରିସ୍ଥିତିରେ ସାରା ବିଶ୍ୱ ଆଜି ଅନେକ ଦୁରାରୋଗ୍ୟ ବ୍ୟାଧି ସହ ସଂଘର୍ଷ କରୁଛି। ପାରମ୍ପରିକ ଔଷଧୀୟ ଉଦ୍ଭିଦ ଆବାହମାନ କାଳରୁ ମାନବ ସମାଜର କଲ୍ୟାଣରେ ଲାଗି ଆସୁଛନ୍ତି। ଏ ନେଇ 'ପାରମ୍ପରିକ ଔଷଧୀୟ ବୃକ୍ଷର ମୂଲ୍ୟାଙ୍କନ ଓ ସଂରକ୍ଷଣ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁଶୀଲ କୁମାର ଦତ୍ତ ମୁଖ୍ୟଅତିଥି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ସହକାରୀ ପ୍ରଫେସର ଡ ବିଷ୍ଣୁପ୍ରିୟା ହାଁସଦା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ଦତ୍ତ ମୟୂରଭଞ୍ଜ ଜିଲ୍ଲାର ଅଧିବାସୀଙ୍କ ଦ୍ୱାରା ପାରମ୍ପରିକ ଔଷଧ ପ୍ରସ୍ତୁତି ଓ ପ୍ରୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ ହାଁସଦା ଶିମିଳିପାଳର ଜୈବ ବିବିଧତା ଓ ଏହାର ଔଷଧୀୟ ଉଦ୍ଭିଦ, ଟିସୁ କଲଚର ପ୍ରୟୋଗ ଦ୍ୱାରା କିପରି ଏହାର ସଂରକ୍ଷଣକୁ ସୁନ୍ଦର ଭାବେ କରାଯାଇପାରୁଛି ଉପସ୍ଥାପିତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ରୂପମଞ୍ଜରୀ ବେହେରା ପରିଚାଳନା କରିଥିଲେ। ଅଧାପକ କୀର୍ତ୍ତି କୌଶିକ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପିକା ଏନ. ବିଜୟଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାନ୍ଦୁଆ ଉଚ୍ଚବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା

କୁଳିଅଣା, ୨୮।୩(ସମିସ): କୁଳିଅଣା ବ୍ଲକ ଚାନ୍ଦୁଆ ପଞ୍ଚାୟତର ବାଉଁଶବଣିର ଏସଏସଡି ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀ ହଷ୍ଟେଲ ରହିବା ପାଇଁ ଏ ବର୍ଷ ଏଣ୍ଟ୍ରାନ୍ସ ମାଧମ ପରୀକ୍ଷା ଦେଇ କୃତୀ ଛାତ୍ରଛାତ୍ରୀ ସୁଯୋଗ ପାଇବେ ବୋଲି ପ୍ରଧାନଶିକ୍ଷକ ମନୋଜ କୁମାର ପତି କହିଛନ୍ତି। ବିଗତ ବର୍ଷମାନଙ୍କରେ ସ୍କୁଲ ବୋର୍ଡ କମିଟି ମାଧମରେ ପିଲାଙ୍କୁ ହଷ୍ଟେଲ ସୁବିଧା ମିଳିଥିଲା। ଏଥିରେ ଏସ୍‌ଟି ଓ ଏସି ପିଲା ରହୁଥିଲେ। ଏ ବର୍ଷ ଷଷ୍ଠ ଶ୍ରେଣୀ ଛାତ୍ର ୨୫୨ ଜଣ ଫର୍ମ ପୂରଣ କରିଥିଲେ। ସେହିପରି ୪୫ ଜଣ ଛାତ୍ରୀ ଫର୍ମ ପୂରଣ କରିଛନ୍ତି। ଛାତ୍ରଙ୍କ ପାଇଁ ୪୦ଟି ଓ ଛାତ୍ରୀଙ୍କ ପାଇଁ ୧୬ଟି ହଷ୍ଟେଲ ସିଟ୍ ଥିବା ପ୍ରଧାନ ଶିକ୍ଷକ ଜଣାଇଛନ୍ତି।

## ଜନ୍ମମାଟିରେ ବ୍ରଜମୋହନ ମାଝୀଙ୍କୁ ସମ୍ବର୍ଦ୍ଧନା



କପ୍ତିପଦା, ୨୮।୩(ସମିସ): ନିକଟରେ ମହାରାଷ୍ଟ୍ରରେ ଆୟୋଜିତ ବେସାମରିକ ଖୋ-ଖୋ ଟୁର୍ଣ୍ଣାମେଣ୍ଟରେ ମ୍ୟାନେଜର ଭାବେ ଓଡ଼ିଶା ଦଳକୁ ସଫଳ କରିଥିବା ବାଙ୍ଗୁବନ୍ଧ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀଙ୍କୁ ତାଙ୍କ ଜନ୍ମମାଟିରେ ସମ୍ବର୍ଦ୍ଧିତ କରାଯାଇଛି। ଶୁଣ୍ଠେଳ ଗ୍ରାମରେ ଦୀନବନ୍ଧୁ ମାଝି, ପ୍ରମିଳା ଦେଈଙ୍କ ଦ୍ୱିତୀୟ ସନ୍ତାନ ବ୍ରଜମୋହନ ମାଝି ଶୈଶବରେ ନୂଆସାହି ଶ୍ରୀଅରବିନ୍ଦ ବିଦ୍ୟାପୀଠରେ ମ୍ୟାଟ୍ରିକ୍ ପଢୁଥିବା ସମୟରେ ଦୁଇଥର ମୟୂରଭଞ୍ଜର ପ୍ରତିନିଧିତ୍ୱ କରି ରାଜ୍ୟ ସ୍ତରରେ ଖୋଖୋ ଖେଳିଥିଲେ। ସେ ସଦ୍ୟ ଶେଷ ହୋଇଥିବା ସର୍ବଭାରତୀୟ ବେସାମରିକ ଖୋଖୋରେ ଓଡ଼ିଶା ଦଳର ମ୍ୟାନେଜର ଓ କୋଚ୍ ଦାୟିତ୍ୱ ତୁଲାଇଥିଲା। ଓଡ଼ିଶା ପୁରୁଷ ଦଳ କ୍ୱାର୍ଟରଫାଇନାଲ୍‌ରେ ପରାସ୍ତ ହୋଇଥିବାବେଳେ ମହିଳା ଦଳ ତୃତୀୟ ସ୍ଥାନ ଲାଭ କରିଥିଲା। ଏଥିପାଇଁ ବ୍ରଜମୋହନଙ୍କୁ ରାଜ୍ୟ, ନିଜ ଜିଲ୍ଲା ଓ ଗ୍ରାମବାସୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସେ ବସ୍‌ଷ୍ଟାଣ୍ଡରୁ ଓହ୍ଲାଇବା କ୍ଷଣି କାପ୍ତିପଦାରୁ ଉଦଳା କଲେଜର ପ୍ରାକ୍ତନ ଅଧକ୍ଷ ଯତୀନ କୁମାର ମହାକୁଡ଼ ଓ ଗ୍ରାମବାସୀ ତାଙ୍କୁ ଶୁଣ୍ଠେଳ ଗ୍ରାମକୁ ପାଛୋଟି ନେଇଥିଲେ। କୁସୁନପୁର ପ୍ରାଥମିକ ବିଦ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭଦ୍ରକ ମହିଳା ମହାବିଦ୍ୟାଳୟରୁ ଅବସର ନେଇଥିବା ଅଧକ୍ଷ ଯତୀନ ମହାକୁଡ଼ଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ନିରଞ୍ଜନ ମହାକୁଡ଼, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚନା ପସା ଅତିଥି ଭାବେ ଯୋଗଦେଇ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବକୁ ଅବସରପ୍ରାପ୍ତ ଅଧକ୍ଷ ଯତୀନ ମହାକୁଡ଼, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ତାମଣି ମହନ୍ତ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସଞ୍ଜୟ ଦାସ, ପରିତୋଷ ମହାକୁଡ଼, ଜ୍ଞାନରଞ୍ଜନ ବଳ, କୁସୁନପୁର ଶୁଣ୍ଠେଳ ଗ୍ରାମବାସୀ ପରିଚାଳନା କରିଥିଲେ।

## ବେତନଟୀ ମୁଖ୍ୟ ରାସ୍ତାରେ ହମ୍ପସ୍ ନିର୍ମାଣ ଓ ସିସିଟିଭି କ୍ୟାମେରା ଦାବି

ବେତନଟୀ, ୨୮।୩ (ସମିସ): ବେତନଟୀ ମୁଖ୍ୟ ରାସ୍ତା ବଙ୍ଗଳା ଛକଠାରୁ ଚଣ୍ଡୀ ମନ୍ଦିର ଛକ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅମାନିଆଙ୍କ ଦ୍ରୁତ ଗାଡ଼ି ଚାଳନା ଦ୍ୱାରା ଧନଜୀବନ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ଏହାକୁ ରୋକିବାକୁ ଏହି ରାସ୍ତାର ଦୁଇପାର୍ଶ୍ୱରେ ଗତି ନିର୍ଣ୍ଣାୟକ ଫଳକ ଲଗାଇବା ଓ ଗତି ନିରୋଧକ ହମ୍ପସ ନିର୍ମାଣ କରିବାକୁ ସିଭିଲ ସୋସାଇଟି ଦେଢ ମାସ ଆଗରୁ ବେତନଟୀ ପୂର୍ତ୍ତ ବିଭାଗକୁ ଲିଖିତ ଭାବେ ଜଣାଇ ଏହାର ନକଲ ଥାନା ଅଧିକାରୀଙ୍କ ସହ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଜଣାଇଥିଲା। କୌଣସି ପ୍ରତିକାର କରାଯାଇ ନ ଥିବାବେଳେ ଦୀର୍ଘବର୍ଷ ଧରି ଖରାପ ହୋଇଥିବା ଚଣ୍ଡୀ ଛକର ବିଦ୍ୟୁତବତୀକୁ ସଜାଇ, ରାତିର ଅନ୍ଧାରରେ ଅସାମାଜିକ କାର୍ଯ୍ୟକଳାପ ବନ୍ଦ ପାଇଁ ସ୍ଥାନୀୟ ସରପଞ୍ଚ, ବିଡିଓ ସର୍ବୋପରି ବିଧାୟକଙ୍କୁ ମୌଖିକ ଓ ଲିଖିତ ଭାବେ ଜଣାଇଛି। କିନ୍ତୁ ସେଥିପ୍ରତି କାହାରି ନଜର ନାହିଁ। ବହୁବାର ପ୍ରସ୍ତାବିତ ଓ ବହୁ ପ୍ରତୀକ୍ଷିତ ସିସିଟିଭି କ୍ୟାମେରା ପ୍ରତ୍ୟେକ ଛକରେ ଲଗାଯିବାକୁ ଦୃଢ ଦାବି ସିଭିଲ ସୋସାଇଟିର ସମ୍ପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଜଣାଇବା ସହ ଏଥିରେ ବ୍ୟତିକ୍ରମ ହେଲେ ଅପ୍ରେଲ ୨୦ ତାରିଖରୁ ବୟସ୍କ ବ୍ୟକ୍ତିଗଣ ପ୍ରବଳ ଖରା ସତ୍ତ୍ୱେ ଚଣ୍ଡୀ ଛକଠାରେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ଆମେ ନାଟ୍ୟ ସଂସ୍ଥା ଦ୍ୱାରା ବିଶ୍ୱ ନାଟ୍ୟ ଦିବସ

ବାରିପଦା, ୨୮।୩(ସମିସ): ପବିତ୍ର ରାମନବମୀ ଅବସରରେ ସ୍ଥାନୀୟ ମା' ଅମ୍ବିକା ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶାର ଅଗ୍ରଣୀ ନାଟ୍ୟସଂସ୍ଥା ଆମେ ନାଟ୍ୟ ସଂସ୍ଥା ଦ୍ୱାରା ନାଟ୍ୟପ୍ରେମୀ ଓ କଳାକାରଙ୍କ ଗହଣରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ସଂସ୍ଥା ଦ୍ୱାରା ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ଜାତୀୟ ନାଟ୍ୟ ଉତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ସଭାପତି କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ଡଃ ବିଜୟକୁମାର ଅଗ୍ରୱାଲ ବିଶ୍ୱ ନାଟ୍ୟ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ତଥା ନାଟକ, ଚଳଚିତ୍ର ଜଗତର ବିଶିଷ୍ଟ ଲେଖକ, ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଦ୍ୱିତୀୟ ବାର୍ଷିକ ଜାତୀୟ ନାଟ୍ୟ ଉତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ତତସହିତ ଏହି ଉତ୍ସବର ସଫଳତା ପାଇଁ ମା' ଅମ୍ବିକାଙ୍କ ନିକଟରେ ସମସ୍ତେ ଦୀପ ଜାଳି ପ୍ରାର୍ଥନା କରିବା ସହ ପବିତ୍ର ରାମନବମୀ ଅବସରରେ ଅର୍ଘ୍ୟ ଅର୍ପଣ କରିଥିଲେ। ପରବର୍ତ୍ତୀ ବୈଠକରେ ଉତ୍ସବର ସମ୍ପୂର୍ଣ୍ଣ ରୂପରେଖ ଉପରେ ବିଷଦ ଆଲୋଚନା ହେବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ପଟ୍ଟନାୟକ ଜଣାଇଛନ୍ତି। ସହସମ୍ପାଦକ ରାଜୀବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ମୟୂରଭଞ୍ଜ ସେବା ସଂଗଠନର ପ୍ରଥମ ବୈଠକ

ବାରିପଦା, ୨୮।୩(ସମିସ): ସ୍ଥାନୀୟ ରଘୁନାଥପୁର ନିକଟସ୍ଥ ହଦହଦି ଗ୍ରାମରେ ମୟୂରଭଞ୍ଜ ସେବା ସଂଗଠନର ନିଜସ୍ୱ ଗୃହ ପବିତ୍ର ରାମନବମୀ ଅବସରରେ ଉଦଘାଟିତ ହେବା ସହ ପ୍ରଥମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସମାଜସେବୀ ଡଃ ନିରୋଜ ପୋଥାଲ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ହିମାଂଶୁ ପ୍ରହରାଜ ଯୋଗଦେଇ ସଂଗଠନର ନୂତନ କାର୍ଯାଳୟର ଉଦଘାଟନ କରିଥିଲେ। ସଭାପତି ଚିନ୍ମୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଭରତ ପାତ୍ର ସଂଗଠନର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ବର୍ଷ ତମାମ ସଂଗଠନ ପକ୍ଷରୁ ପ୍ରତି ମଙ୍ଗଳବାର ବିଭିନ୍ନ ସ୍ଥାନରେ ଅନ୍ନ ବଣ୍ଟନ, ଖରାଦିନେ ପାନୀୟ ଜଳ ବଣ୍ଟନ କରାଯିବା ସହ ରକ୍ତଦାନ ଶିବିର ଆୟୋଜନ କରାଯାଉଥିବା ପ୍ରକାଶ କରିଥିଲେ। ତତସହିତ ମୁଖ୍ୟ ପୃଷ୍ଠପୋଷକ ନିଜ ପ୍ରଚେଷ୍ଟାରେ ବହୁ ଗରିବ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି ବୋଲି ଜଣାଇଥିଲେ। ମୁଖ୍ୟ ପୃଷ୍ଠପୋଷକ ଗଗନ ଚନ୍ଦ୍ର ଦାସ ନିଜ ଗୃହକୁ ସଂଗଠନର କାର୍ଯ୍ୟାଳୟ ପାଇଁ ଦାନ କରିଥିବାରୁ ତାଙ୍କୁ ସଂଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଆଜିର ସମାଜରେ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ନିଃସ୍ୱାର୍ଥପର ଭାବେ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଉପସଭାପତି ସନ୍ଦୀପ ନାଥ, କୋଷାଧକ୍ଷ ତନୁଜା ପଟ୍ଟନାୟକ, ଯୁଗ୍ମସମ୍ପାଦକ ହରିଶ ଲେଙ୍କା, ସାଂସ୍କୃତିକ ସମ୍ପାଦକ ରାମେଶ୍ୱର ସିଂ ଓ ଉପଦେଷ୍ଟା ଅରବିନ୍ଦ ମୁଖି ଯୋଗ ଦେଇଥିଲେ।



# ଧର୍ମାନ୍ତୀକରଣ ରାୟକୁ ନେଇ ଆଦିବାସୀ ସମ୍ପ୍ରଦାୟର ସମାବେଶ

ବିଶୋଇ, ୨୮।୩(ସମିସ): ଗତ ୨୫ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଧର୍ମ ପରିବର୍ତ୍ତନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହାକୁ ସମ୍ମାନ ଜଣାଇ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ବଡ଼ବାଲିଟୁଆ ଗ୍ରାମରେ ଆଦିବାସୀ କୋହ୍ଲ ସମ୍ପ୍ରଦାୟର ଅଧିବାସୀ ବୃହତ ସମାବେଶ କରିଥିଲେ। ସମାବେଶରେ ବଡ଼ବାଲିଟୁଆ ଗ୍ରାମ ସମେତ ନିକଟସ୍ଥ ଅଶନଶିଖଳ, ଘୋଡାବିନ୍ଧା, ସୁନାପୋଷି, ଅସନବଣି, ରଙ୍ଗାମାଟିଆ ଗ୍ରାମର କୋହ୍ଲ ଓ ଅନ୍ୟ ଆଦିବାସୀ ସମ୍ପ୍ରଦାୟର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପାରମ୍ପରିକ ନାଚଗୀତରେ ଝୁମି ଧର୍ମାନ୍ତିକରଣ ପରିବର୍ତ୍ତନକୁ ନେଇ ଆଦିବାସୀ ସମ୍ପ୍ରଦାୟ ମଧରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

ବଡ଼ବାଲିଟୁଆ ଗ୍ରାମରେ କୋହ୍ଲ ସମ୍ପ୍ରଦାୟର ୧୫୦ ପରିବାର ବସବାସ କରନ୍ତି। ଆଦିବାସୀ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ବିଭିନ୍ନ ସମୟରେ ଜାହିରା ପୀଠରେ ପୂଜା କର୍ମ କରିଥା'ନ୍ତି। ତେବେ ଏହି ପୂଜାପାଠ ତଥା ବିଭିନ୍ନ ଆଦିବାସୀ ସଂସ୍କୃତି ଓ ପରମ୍ପରାରେ ସାମିଲ ହେବା ପାଇଁ ଗ୍ରାମରେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ଅଧିବାସୀ ଦୂରେଇ ରହୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ୍ ଅନୁଯାୟୀ ବଡ଼ବାଲିଟୁଆ ଗ୍ରାମରେ ଯେତେବେଳେ ଖ୍ରୀଷ୍ଟିୟାନ ଧର୍ମାଲମ୍ବୀ ପରିବାର ସଂଖ୍ୟା ୧୧ ଛୁଇଁଲା, ସେମାନେ ଗ୍ରାମ ମଧରେ ଗୀର୍ଜା ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ। ପ୍ରତ୍ୟେକ ଗ୍ରାମରୁ ଲୋକଙ୍କୁ ଡକାଇ ଖ୍ରୀଷ୍ଟ ପରମ୍ପରା ଅନୁଯାୟୀ ପ୍ରାର୍ଥନା କରିବା ପାଇଁ ପ୍ରୟାସ କଲେ। ଫଳରେ ଆଦିବାସୀ ସମ୍ପ୍ରଦାୟ ଓ ଖ୍ରୀଷ୍ଟ ସମ୍ପ୍ରଦାୟର ଲୋକଙ୍କ ମଧରେ ବିଭିନ୍ନ ସମୟରେ ବିବାଦ ସୃଷ୍ଟି ହୋଇଥିଲା। ଆଦିବାସୀ ଅଧିବାସୀ ଖ୍ରୀଷ୍ଟ ଧର୍ମାଲମ୍ବୀଙ୍କୁ ଡକାଇ ବୈଠକ କରାଇ ଏପରି ନ କରିବା ପାଇଁ ବାରଣ କରିଥିଲେ। ମାତ୍ର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ଏହାକୁ କର୍ଣ୍ଣପାତ ନ କରି ତାଙ୍କର ପରମ୍ପରା ଅନୁଯାୟୀ ପ୍ରାର୍ଥନା ଜାରି ରଖିଲେ। ଗତ ଫେବୃଆରୀ ୨୨ ତାରିଖରେ ଏ ନେଇ ଗ୍ରାମର ଲୋକେ ପୁଣିଥରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କୁ ବୈଠକକୁ ଡାକି ଏହି ସମ୍ବନ୍ଧରେ ବୁଝାଇଥିଲେ। ମାତ୍ର ଖ୍ରୀଷ୍ଟ ଧର୍ମାଲମ୍ବୀ ଓ ଆଦିବାସୀ ସମ୍ପ୍ରଦାୟ ମଧରେ ବୈଠକରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଘଟଣା ପ୍ରଥମେ ଥାନାରେ ପହଞ୍ଚିବା ସହିତ କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ଚଳିତ ମାସ ୨୫ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଧର୍ମ ପରିବର୍ତ୍ତନକୁ ନେଇ ଏକ ଐତିହାସିକ ରାୟ ଦେଇଥିଲେ। ଫଳରେ ଆଦିବାସୀ ସମ୍ପ୍ରଦାୟ ଅଧିବାସୀଙ୍କୁ ଆଶ୍ୱସ୍ତି ମିଳିଥିଲା। ଫଳରେ ଆଦିବାସୀ ସମ୍ପ୍ରଦାୟର ଲୋକେ ଏହି ରାୟକୁ ସମ୍ମାନ ଜଣାଇ ଗ୍ରାମରେ ଏକ ବୃହତ ସମାବେଶ କରି ଉତ୍ସବ ମନାଇଥିଲେ।



